THE SUNDAY SECTION OF NITIDIN



ନିତିଦିନ NITIDIN

# ନଜର୍

ରବିବାର ମ୍ୟାଗାଜିନ୍ | ରବିବାର, ୧୦ ନଭେମ୍ବର, ୨୦୨୪



• ମନୋରଞ୍ଜନ

'ଘାଟି'ର ପୋଷ୍ଟର୍ ରିଲିଜ



# ଏକ ରାଷ୍ଟ୍ରଃ ଏକ ନିର୍ବାଚନ

# ସ୍ୱାମୀ ବିବେକାନନ୍ଦ

୧୨

■ ମନୋଜ କୁମାର ମହାପାତ୍ର

ସ୍ରୋତଗାମୀ ନଦୀ ଚାହେଁ ସମୁଦ୍ର ସହ ମିଳନ। ବନ୍ଧ ବାନ୍ଧି ଜଳର ଗତିକୁ ପ୍ରତିହତ କଲେ ଜଳ ଫୁଲିଉଠେ ଭୀଷଣ ଭାବେ, ବନ୍ଧକୁ ଭାଙ୍ଗିଦେଇ ବୋହି ଯିବାକୁ ଚେଷ୍ଟାକରେ ସମୁଦ୍ର ନିକଟକୁ। ଅଖଣ୍ଡ ରାଜ୍ୟରେ ଉପବିଷ୍ଟ ହୋଇ ସଚ୍ଚିଦାନନ୍ଦ ବ୍ରହ୍ମ ଉପାସନା ଯାହାର ଅସ୍ଥିମଜ୍ଜାଗତ, ତାଙ୍କୁ ନିର୍ବିକଳ୍ପ ସମାଧିରୁ କିଏ ବା ବଞ୍ଚିତ କରିପାରିବ ? ଶ୍ରୀ ରାମକୃଷ୍ଣଙ୍କ ଦ୍ୱାରା ସେ ଆନୀତ ଜଗତର କଲ୍ୟାଣ ପାଇଁ। ପହଞ୍ଚାଇ ଦେବାକୁ ଶିବଜ୍ଞାନେ ଜୀବସେବାର ମନ୍ତ୍ର ପୃଥିବୀର କୋଣେ କୋଣେ। ଏହି ମହାନ୍ କାର୍ଯ୍ୟକୁ ସଂପୂର୍ଣ୍ଣ ନ କରିବା ପର୍ଯ୍ୟନ୍ତ ସେ ଛାଡ଼ିବେ ନାହିଁ ଅଖଣ୍ଡ ରାଜ୍ୟକୁ।

ଅନ୍ୟ ପକ୍ଷରେ ଯୁବକ ନରେନ୍ଦ୍ର ନିର୍ବିକଳ୍ପ ସମାଧିର ସ୍ୱାଦ ପାନ କରିବା ପାଇଁ ହେଉଥିଲେ ଅଧୈର୍ଯ୍ୟ ଓ ଅଳି କରୁଥିଲେ ଶ୍ରୀ ରାମକୃଷ୍ଣଙ୍କ ପାଦରେ ସଦାସର୍ବଦା। ଶେଷରେ ଠାକୁରଙ୍କର ଦୟାହେଲା। ଏକ ସନ୍ଧ୍ୟାରେ ନରେନ୍ଦ୍ର ଧ୍ୟାନରେ ଥିଲେ ମଗ୍ନ। ହଠାତ୍ ସେ ଅବଲୋକନ କଲେ ନିଜ ଶିରର ପାଶ୍ଚାତ୍ୟ ଦେଶରେ ଟର୍ଚ୍ଚଲାଇଟ୍ ସମ ଆଲୋକ। ଉକ୍ତ ଆଲୋକ କ୍ରମଶଃ ହେଲା ଉଜ୍ଜ୍ୱଳତର ଏବଂ ସର୍ବଶେଷରେ ବିରାଟ ଜ୍ୟୋତିରେ ହେଲା ପରିଣତ। ମନ ସେହି ପ୍ରକାଣ୍ଡ ଜ୍ୟୋତିରେ ସମ୍ପୂର୍ଣ୍ଣ ଲୟ ହେଲା। ସେ ହରାଇଲେ ବାହ୍ୟ ଜ୍ଞାନ। ନିର୍ବିକଳ୍ପ ସମାଧିରେ ହେଲେ ମଗ୍ନ। ସତୀର୍ଥବୃନ୍ଦ ଗୋପାଳ ଓ ନିରଞ୍ଜନ ଶ୍ରୀ ରାମକୃଷ୍ଣଙ୍କୁ ନରେନ୍ଦ୍ରର ଅବସ୍ଥା ସମ୍ବନ୍ଧରେ ତତ୍କ୍ଷଣାତ ସମ୍ବାଦ ଦେଲେ। ନିରଞ୍ଜନ କହିଲେ ନରେନ୍ଦ୍ର ମୃତ। ତା'ର ଶରୀର ହିମସଦୃଶ ଶୀତଳ। ଶ୍ରୀ ରାମକୃଷ୍ଣ ହସି କହିଲେ, ସେ ସେମିତି ଅବସ୍ଥାରେ ଥାଉ। ଧନ୍ୟ ଭଗବାନ। ତୁମର ଲୀଳା କିଏ ବୁଝିବ ? ରାତ୍ରି ନଅଟା ସମୟରେ ନରେନ୍ଦ୍ରଙ୍କ ଚେତା ଲେଉଟିବାକୁ ଲାଗିଲା। ସମ୍ପୂର୍ଣ୍ଣ ଚେତା ଲାଭ କରି ସେ ନିଜକୁ ଗୁରୁଭାଇଙ୍କ ମେଳରେ ଆବିଷ୍କାର କଲେ। ତାଙ୍କର ସ୍ମୃତି ଫେରିଆସିଲା। ସେ ଅନୁଭବ କରୁଥିଲେ ସତେକି ସେ ଅନନ୍ତ ଅବିନଶ୍ୱର ଶାନ୍ତ ମହାପାରାବାରରେ ସ୍ନାନ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ହୃଦୟ ପୂର୍ଣ୍ଣଥିଲା ପ୍ରଶାନ୍ତ ଓ ଆନନ୍ଦ ଢେଉରେ। ସେ ଉପଲବ୍ଧି କଲେ ବେଦାନ୍ତ ହିଁ ସବୁ ଦର୍ଶନକୁ ନିଜର କରିପାରିବ। ନିର୍ବିକଳ୍ପ ସମାଧିର ସ୍ୱାଦକୁ ଚାଖି ଆନନ୍ଦରେ ବିଭୋର ହୋଇ ପହଞ୍ଚିଲେ ଶ୍ରୀ ରାମକୃଷ୍ଣଙ୍କ ନିକଟରେ।

ନରେନ୍ଦ୍ରର ଚକ୍ଷୁକୁ ଅପଲକ ନୟନରେ ଚାହିଁ ଶ୍ରୀ ରାମକୃଷ୍ଣ କହିଲେ, ବେଶ୍ ମାଆ ତୋତେ ଦେଖେଇ ଦେଲେ ସବୁକିଛି। କିନ୍ତୁ ମନେରଖ, ଗୋଟିଏ ବାକ୍ସରେ ଧନ ସାଇତି ରଖି ତାଲା ପକାଇ ଦେଲାଭଳି, ତୋର ସମସ୍ତ ଉପଲବ୍ଧି ଜ୍ଞାନକୁ ମୁଁ ତାଲା ପକାଇ ବାକ୍ସରେ ଥୋଇଦେଲି। ଆଉ ସେହି ଅମୂଲ୍ୟ ରତ୍ନରେ ଭରପୂର ବାକ୍ସରେ ଚାବିକାଠି ରହିଲା ମୋ ନିକଟରେ। ତୋତେ କାର୍ଯ୍ୟ କରିବାକୁ ପଡ଼ିବ। ଯେତେବେଳେ ତୁ ସମସ୍ତ କାର୍ଯ୍ୟ ସମ୍ପାଦନ କରିବୁ, ସେହି ଅମୂଲ୍ୟ ରତ୍ନଭରା ବାକ୍ସଟିକୁ ମୁଁ ଖୋଲିଦେବି। ଆଜି ତୁ ଯାହା ଦର୍ଶନ କଲୁ, ସଦା ସର୍ବଦା ସେହିଥିରେ ପୁଣି ନିମଗ୍ନ ହେବୁ।

ଶ୍ରୀ ରାମକୃଷ୍ଣ ବୋଧହୁଏ ସ୍ମରଣ କରାଇଦେଲେ ନରେନ୍ଦ୍ରର ପୂର୍ବଜନ୍ମ ବିବରଣୀ, କାର୍ଯ୍ୟ ସମାପନ ହେଲେ, ପୁନଶ୍ଚ ପ୍ରତ୍ୟାଗମନ କରିବୁ ସେହି ଅଖଣ୍ଡ ରାଜ୍ୟକୁ। ସଚ୍ଚିଦାନନ୍ଦ ବ୍ରହ୍ମରେ ମନକୁ ଲୟକରି ଅମୃତ ପାନ କରିବୁ ଯେମିତି କରୁଥିଲୁ ତୋତେ ଆଣିବା ସମୟରେ। ମୁଁ ଯେତେବେଳେ ଦେବଶିଶୁ ହୋଇ ତୋ ଗଳାରେ ଝୁଲିପଡ଼ିଲି, ତୁ ଆଖି ଖୋଲି ହସି ଦେଲୁ ପରା। ମୁଁ ଆସିଲାବେଳେ ତତେ ହାତଧରି ନିର୍ଦ୍ଦେଶ ଦେଇଥିଲି ମୋ ପଛେ ପଛେ ଆସିବାକୁ। ତତେ କାହିଁକି ଆଣିଥିଲି ? କ'ଣ ଏଠାରେ ବସି ନିର୍ବିକଳ୍ପ ସମାଧିର ସୁଖ ଭୁଞ୍ଜିବାକୁ ? ନା, ତୋର ମୁକ୍ତି ପାଇଁ ନୁହେଁ। ତୁ ତ ଚିରତ୍ୟାଗୀ। ଆଜନ୍ମ ମୁକ୍ତ, ମହା ବୈରାଗୀ ଋଷି ପ୍ରତିମ-ସଦାଶିବ। ତୁ ତ ସଭିଙ୍କର ମୁକ୍ତିଦାତା। ମାନବ ଶରୀର ଭିତରେ ରହି ତୁ କ'ଣ ନିଜ ସ୍ୱରୂପକୁ ଭୁଲିଯାଇଛୁ ଏଡ଼େ ବେଗି ? ତୁ ପରା ମୋର ମହାମନ୍ତ୍ର 'ଶିବ ଜ୍ଞାନେ ଜୀବ ସେବା', ଯାହା ଦିନେ ବେଦାନ୍ତର ନିର୍ଯ୍ୟାସ ବାଣୀ ରୂପେ କେବଳ ଅରଣ୍ୟ ମଧ୍ୟରେ ସୀମିତ ଥିଲା, ପହଞ୍ଚାଇବୁ ପୃଥିବୀର ଘରେ ଘରେ। ହଁ, ଖୁବ୍ ସାବଧାନ, ଦେହ ପ୍ରତି ଯତ୍ନ ନେବୁ। ତୋର ସୁସ୍ଥ ଶରୀର ରକ୍ଷା ମୋର ଏକାନ୍ତ କାମ୍ୟ। ନ ହେଲେ ସର୍ବନାଶ।'

ଶ୍ରୀ ରାମକୃଷ୍ଣ ଭଲ ଭାବରେ ଜାଣିଛନ୍ତି ନରେନ୍ଦ୍ର ଯେଉଁଦିନ ନିଜର ସ୍ୱରୂପକୁ ଚିହ୍ନିପାରିବ, ସେଦିନ ତାକୁ କେହି ବି ଏହି ମର୍ତ୍ତ୍ୟମଣ୍ଡଳରେ ରଖିପାରିବେ ନାହିଁ। ସେ ଦେହତ୍ୟାଗ କରି ଚାଲିଯିବ ଅଖଣ୍ଡ ରାଜ୍ୟକୁ। ସେଥିପାଇଁ ନରେନ୍ଦ୍ରର ମନକୁ ଉକ୍ତ ଉପଲବ୍ଧି ଠାରୁ ଦୂରରେ ରଖିବା ପାଇଁ ସେ ସଦା ସର୍ବଦା ମାଆ କାଳୀଙ୍କୁ ପ୍ରାର୍ଥନା କରୁଥିଲେ।

ଶାସ୍ତ୍ରରେ ଅଛି, ଗୁଣ-କର୍ମ ଅନୁଯାୟୀ ମାନବର ସ୍ୱଭାବ ହୁଏ। ଯିଏ ଯେଉଁ ଗୁଣର, ମନ ସେହି ଗୁଣ ଆଡ଼କୁ ଆକର୍ଷିତ ହେବ। ନରେନ୍ଦ୍ର ମହା-ସମାଧିରୁ ଜନ୍ମ। ଯେତେ ଯାହା କଲେ ବି ମନଟାଣି ନେବ ସମାଧି ଆଡ଼କୁ। ଦିନେ ପୁଣି ମନ ଟାଣିନେଲା ଗୌତମ ବୁଦ୍ଧଙ୍କ ନିକଟକୁ। ବଟବୃକ୍ଷ ତଳେ ଆସୀନ ହୋଇ ବୁଦ୍ଧ ଶପଥ ନେଇଥିଲେ, 'ଏହି ପଦ୍ମାସନରେ ବସି ମୋ ଦେହ ପଛେ ଶୁଖିଯାଉ, ମାଂସ ହାଡ଼ ମିଳେଇଯାଉ, ନିର୍ବାଣ ପ୍ରାପ୍ତି ନ ହେବା ପର୍ଯ୍ୟନ୍ତ, ମୁଁ ଏହି ଆସନରୁ ଗାତ୍ରୋତଥାନ କରିବି ନାହିଁ।' ବୁଦ୍ଧଙ୍କର ସମାଧି-ରୂପ ଓ ନିର୍ବାଣ ପ୍ରାପ୍ତି ପୂର୍ବରୁ ଦୃଢ଼ ସଂକଳ୍ପ ନରେନ୍ଦ୍ରଙ୍କୁ ବୁଦ୍ଧଗୟା ଦର୍ଶନ କରିବା ପାଇଁ ଦେଲା ପ୍ରେରଣା। **(କ୍ରମଶଃ)**

**ମୋ-୯୯୩୭୨୯୭୦୩୯**



# ଅଁଳା ନବମୀ ଓ ରାଧାପାଦ ଦର୍ଶନ



କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ପାଳିତ ହୋଇଥାଏ ପବିତ୍ର ଅଁଳା ନବମୀ। ଏହି ଦିନ ଅଁଳା ଗଛକୁ ଦେବତା ସ୍ୱରୂପ ପୂଜାର୍ଚ୍ଚନା କରି ଆର୍ଶିବାଦ ନିଆଯାଇଥାଏ। ଅଁଳାକୁ ଭଗବାନ ବିଷ୍ଣୁ ଓ ଶିବଙ୍କ ପ୍ରିୟ ବୃକ୍ଷର ଆଖ୍ୟା ଦିଆଯାଇଛି। ପୁରାଣରେ ଏହି ବୃକ୍ଷର ମହିମା ବର୍ଣ୍ଣିତ। ତେବେ ଅଁଳା ଦେବୀ ସରସ୍ୱତୀଙ୍କ ରଜୋଗୁଣରୁ ସୃଷ୍ଟି ବୋଲି କେତେକ ବିଦ୍ୱାନ ମତ ଦେଇଥାନ୍ତି। ଅଁଳା ଫଳକୁ ସଂସ୍କୃତରେ ଶ୍ରୀଫଳା, ତିଷ୍ୟଭଳା, ବୟସ୍କା, କାୟସ୍ଥା, ଅମୃତା, ଶିବା, ଧାତ୍ରୀ, ବୃଷ୍ୟା, ରୋଚନୀ, ବୃତଫଳ, ଧାତ୍ରିକା, ତିଷ୍ୟା ଭଳି ନାମରେ ନାମିତ କରାଯାଇଛି। ଅଁଳା ନବମୀରେ ଅଁଳା ଗଛତଳେ ବଟା ଅଁଳାରେ ଭଗବାନ ବିଷ୍ଣୁଙ୍କ ପ୍ରତିମାକୁ ସ୍ନାନ କରାଯାଇଥାଏ। ଅଁଳା ନବମୀ ଠାରୁ କାର୍ତ୍ତିକ ଶେଷ ପର୍ଯ୍ୟନ୍ତ ଅଁଳା ବଟା ଲଗାଇ ସ୍ନାନ କରିବା ଏକ ଓଡ଼ିଆ ପରମ୍ପରା। ହବିଷ୍ୟାଳୀମାନଙ୍କ ପାଇଁ ମଧ୍ୟ ଏହି ଦିନଟିର ବହୁତ ଗୁରୁତ୍ୱ ରହିଛି। କାର୍ତ୍ତିକର ଅନ୍ୟ ଦିନ ମାନଙ୍କରେ ସେମାନେ ହବିଷ୍ୟାନ୍ନ ରୋଷଶାଳାରେ ରାନ୍ଧୁଥିବା ବେଳେ ଅଁଳା ନବମୀ ଦିନ ସେମାନେ ଅଁଳା ଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧିବା ସହ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି। ବୃକ୍ଷକୁ ପୂଜା କରି ଭୋଗ ଲଗାଇବା ପରେ ସେମାନେ ହବିଷ୍ୟାନ୍ନ ଭକ୍ଷଣ କରିଥାନ୍ତି।

ଅଁଳା ବୃକ୍ଷର ଉତ୍ପତ୍ତିକୁ ନେଇ ବିଭିନ୍ନ କିମ୍ବଦନ୍ତୀ ରହିଛି। ଥରେ ଲକ୍ଷ୍ମୀ ଓ ଭଗବତୀ ହରିଙ୍କୁ କୌଣସି ନୂତନ ଦ୍ରବ୍ୟ ଉପହାର ସ୍ୱରୂପ ଦେବାକୁ ମନସ୍ଥ କଲେ। କ'ଣ ଦେବେ ଚିନ୍ତା କରୁଥିବା ବେଳେ ଉଭୟଙ୍କ ଆଖିରୁ ଏକା ସମୟରେ ଦି ଟୋପା ଲୁହ ବୋହିଗଲା। ସେହି ଆନନ୍ଦାଶ୍ରୁରୁ ପରବର୍ତ୍ତୀ ସମୟରେ ଅଁଳା ବୃକ୍ଷର ସୃଷ୍ଟି ବୋଲି କୁହାଯାଏ। କେହି କେହି କୁହନ୍ତି ଯେ, ଦିନେ ଲକ୍ଷ୍ମୀ ଓ ପାର୍ବତୀ ଏକତ୍ର ବନରେ ଭ୍ରମଣ କରୁଥିଲେ। ସେହି ସମୟରେ ସେମାନେ ନିଜ ନିଜ ସ୍ୱାମୀଙ୍କ ପୂଜା କରିବାକୁ ମନସ୍ଥ କଲେ। କିନ୍ତୁ ଜଙ୍ଗଲ ଭିତରେ ସେମାନଙ୍କ ସ୍ୱାମୀଙ୍କ ପ୍ରିୟ ପୂଜା ସାମଗ୍ରୀ ଯଥା ବିଷ୍ଣୁଙ୍କ ପ୍ରିୟ ତୁଳସୀ ଓ ଭଗବାନ ଶିବଙ୍କ ପ୍ରିୟ ବେଲପତ୍ର ନଥିଲା। ତେଣୁ ସେମାନେ ଚିନ୍ତାରେ ବସିଥିଲେ। ଏହି ସମୟରେ ନାରଦ ସେମାନଙ୍କ ପାଖକୁ ଆସି ଚିନ୍ତାର କାରଣ ପଚାରି ବୁଝିଲେ। ସେମାନଙ୍କୁ ଚିନ୍ତା ନ କରିବାକୁ ପରାମର୍ଶ ଦେଇ କହିଥିଲେ, ଅଁଳା ହେଉଛି ତୁଳସୀ ଓ ବେଲପତ୍ରର ସମାହାର। ତେଣୁ ଅଁଳା ବୃକ୍ଷ ନିକଟରେ ପୂଜା କଲେ ଉଭୟ ବିଷ୍ଣୁ ଓ ଶିବ ପ୍ରସନ୍ନ ହେବେ। ନାରଦ ମୁନିଙ୍କ କହିବା ଅନୁଯାୟୀ ଦୁଇ ଦେବୀ ଅଁଳା ବୃକ୍ଷକୁ ପୂଜା କରିଥିଲେ। ସେହିଦିନ ଠାରୁ ଅଁଳାକୁ ପୂଜା କରାଯାଉଛି ବୋଲି କିମ୍ବଦନ୍ତୀ ରହିଛି।

ଶ୍ରୀକୃଷ୍ଣ ଏବଂ ରାଧାଙ୍କ ମଧ୍ୟରେ ପ୍ରଭେଦ ନାହିଁ। ଶ୍ରୀକୃଷ୍ଣ ଯେଉଁଠି ଥାଆନ୍ତି, ସେଠାରେ ରାଧା ମଧ୍ୟ ବାସ କରିଥାନ୍ତି। ସେହିପରି ଯେଉଁଠି ଶ୍ରୀରାଧା ଥାଆନ୍ତି, ସେଠି ଶ୍ରୀକୃଷ୍ଣ ରହିବା ମଧ୍ୟ ସ୍ୱାଭାବିକ। ଦୁହିଁଙ୍କ ମଧ୍ୟରେ ଏହି ଅଦ୍ୱୈତ ଗୁଣ ଦେଖିବାକୁ ମିଳିଥାଏ। ଭକ୍ତିମାର୍ଗର ସାଧୁମାନେ ଶ୍ରୀକୃଷ୍ଣଙ୍କ ଅପେକ୍ଷା ରାଧାଙ୍କୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଶ୍ରୀକୃଷ୍ଣଙ୍କ ପୂର୍ବରୁ ପ୍ରଥମେ ରାଧାଙ୍କ ନାମ ଉଚ୍ଚାରଣ କରାଯାଇଥାଏ। ରାଧେକୃଷ୍ଣ, ରାଧାମାଧବ, ରାଧେଶ୍ୟାମ ଆଦି ସମ୍ବୋଧନରେ ପ୍ରଥମେ ରାଧା ଏବଂ ପରେ ଶ୍ରୀକୃଷ୍ଣଙ୍କ ନାମୋଚ୍ଚାରଣ କରାଯାଇଥାଏ। ଏହାର ଅର୍ଥ ହେଉଛି ପ୍ରଥମେ ଶକ୍ତି ଏବଂ ପରେ ବ୍ରହ୍ମ।

ବ୍ରହ୍ମବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି ଯେ ବ୍ରହ୍ମ ଯେତେବେଳେ ଶ୍ରୀକୃଷ୍ଣଙ୍କ ରୂପ ଧାରଣ କଲେ, ତାଙ୍କର ମହାଶକ୍ତି ରୂପରେ ରାଧାଙ୍କ ଆବିର୍ଭାବ ହୋଇଥିଲା। ପଦ୍ମପୁରାଣରେ ରାଧାଙ୍କୁ ଆଦ୍ୟ ପ୍ରକୃତିର କୃଷ୍ଣପ୍ରିୟା ରୂପ ବୋଲି ବର୍ଣ୍ଣନା କରାଯାଇଛି। 'ତତ୍ପ୍ରିୟା ପ୍ରକୃତିସ୍ତ୍ୱଧା ରାଧିକା କୃଷ୍ଣବଲ୍ଲଭ'। ନାରଦ ପାଞ୍ଚରାତ୍ରରେ ରାଧାଙ୍କ ଦିବ୍ୟ ଏବଂ ଅଲୌକିକ ସ୍ୱରୂପ ବର୍ଣ୍ଣନା କରି କୁହାଯାଇଛି ଯେ ଶ୍ରୀକୃଷ୍ଣ ଯେପରି ତ୍ରିଗୁଣ ମାୟା ତଥା ବିକାଶରୂପୀ ପ୍ରକୃତି ଠାରୁ ଊର୍ଦ୍ଧ୍ୱରେ ଥିବା ବ୍ରହ୍ମସ୍ୱରୂପ, ଠିକ୍ ସେହିପରି ଶ୍ରୀରାଧା ମଧ୍ୟ ପ୍ରକୃତି ଠାରୁ ଊର୍ଦ୍ଧ୍ୱରେ ନିର୍ଲିପ୍ତ ବ୍ରହ୍ମସ୍ୱରୂପା'। 'ଯଥା ବ୍ରହ୍ମସ୍ୱରୂପଶ୍ଚ ଶ୍ରୀକୃଷ୍ଣଃ ପ୍ରକୃତେଃ ପରଃ। ତଥା ବ୍ରହ୍ମସ୍ୱରୂପୀ ଚ ନିର୍ଲିପ୍ତା ପ୍ରକୃତେଃ ପରା।' ପୁରାଣ ଏବଂ ଧର୍ମ ଗ୍ରନ୍ଥରେ ଦେବୀ ରାଧାଙ୍କ ଆଧ୍ୟାତ୍ମିକ ସ୍ୱରୂପର ବର୍ଣ୍ଣନା କରାଯାଇଛି।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
**ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**



# ଏକ ରାଷ୍ଟ୍ରଃ ଏକ ନିର୍ବାଚନ

**୨୬ ନଭେମ୍ବର ୧୯୪୯ ତାରିଖ ଦିନ ସମ୍ବିଧାନ ସଭାରେ 'ନୂଆ ସମ୍ବିଧାନ' ଗୃହୀତ ହୋଇ ୨୬ ଜାନୁଆରୀ ୧୯୫୦ ଠାରୁ ସାଧୀନ ଭାରତରେ କାର୍ଯ୍ୟକାରୀ ହେବାପରେ ସାଧାରଣ ନିର୍ବାଚନ କରାଇବା ଆବଶ୍ୟକ ପଡ଼ିଥିଲା। କାରଣ ସାଧୀନତା ପରଠାରୁ ନେହେରୁଙ୍କ ନେତୃତ୍ୱାଧିନ ମଧ୍ୟବର୍ତ୍ତୀକାଳୀନ ପାର୍ଲାମେଣ୍ଟ ସେ ପର୍ଯ୍ୟନ୍ତ ବ୍ରିଟିଶ୍ ଡୋମିନିଅନ୍ ଭାବେ କାର୍ଯ୍ୟ କରୁଥିଲା। ମଧ୍ୟବର୍ତ୍ତୀକାଳୀନ ପାର୍ଲାମେଣ୍ଟରେ ଜନପ୍ରତିନିଧି ଅଧିନିୟମ-୧୯୫୦ ଗୃହୀତ ହେବା ସହିତ ଭୋଟରଙ୍କ ଯୋଗ୍ୟତା, ଭୋଟର ତାଲିକା ଓ ମାନଦଣ୍ଡ ନିର୍ଦ୍ଧାରିତ ହୋଇ ସାର୍ବଜନୀନ ସାବାଳକ ମତାଧିକାର ବ୍ୟବସ୍ଥା ଜରିଆରେ ଆଜି ପର୍ଯ୍ୟନ୍ତ ଭାରତରେ ନିର୍ବାଚନ ଅନୁଷ୍ଠିତ ହୋଇ ଆସୁଛି।**

**କମଳାକାନ୍ତ ମହାନ୍ତି**

ଅଗଷ୍ଟ-୨୦୧୮ରେ ଭାରତର ଲ' କମିସନ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ନିମନ୍ତେ ଯେଉଁ ଡ୍ରାଫ୍ଟ ପ୍ରସ୍ତୁତ କଲେ ତଦନୁଯାୟୀ ପଞ୍ଚାୟତ ସ୍ତରରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ସମସ୍ତ ପ୍ରତ୍ୟକ୍ଷ ନିର୍ବାଚନ ଅନ୍ତର୍ଭୁକ୍ତ। ଏହି ନିର୍ବାଚନ ଗୁଡ଼ିକୁ ଗୋଟିଏ ବର୍ଷର ନିର୍ଦ୍ଦିଷ୍ଟ ତଥା ସ୍ୱଳ୍ପ ସମୟ ସୀମା ମଧ୍ୟରେ କରାଇବାକୁ ପ୍ରସ୍ତାବ ଦିଆଯାଇଛି। ସାଧାରଣ ଜନତାଙ୍କ ବିପୁଳ ଅର୍ଥ ବ୍ୟୟରେ ଭିନ୍ନ ଭିନ୍ନ ସମୟରେ ନିର୍ବାଚନ ଅନୁଷ୍ଠିତ ହେଉଛି ଏବଂ ଏଥିପାଇଁ ଦେଶ ଓ ରାଜ୍ୟମାନଙ୍କର ଶାସନକଳ ଯୋଗାଇ ଦେବା କ୍ଷେତ୍ରରେ ମଧ୍ୟ ବିପୁଳ ଅର୍ଥ ବିନିଯୋଗ କରିବାକୁ ପଡୁଛି।

ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋଭିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ମଧ୍ୟ ଅନୁରୂପ ମତ ପ୍ରଦାନ କରିଛନ୍ତି। ୨୦୨୩ ମସିହା ସେପ୍ଟେମ୍ବର ୨ ତାରିଖରେ ଗଠିତ ଏହି କମିଟିର ସଭ୍ୟ ଭାବେ ପ୍ରାକ୍ତନ ବିରୋଧୀ ଦଳ ଅମିତ ଶାହା, ଶ୍ରୀ ଗୁଲାମ ନବୀ ଆଜାଦ, ରାଜ୍ୟ ସଭାର ପ୍ରାକ୍ତନ ବିରୋଧିଦଳ ନେତା ଏନ୍.କେ. ସିଂହ, ପଞ୍ଚଦଶ ଅର୍ଥ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡଃ ସୁବାସ କାଶ୍ୟପ ପ୍ରମୁଖ ସଭ୍ୟମାନଙ୍କ ୧୯୧ ଦିନର ବିଚାର ବିମର୍ଷ ପରେ ୧୮, ୬୨୬ ପୃଷ୍ଠା ସମ୍ବଳିତ ରିପୋର୍ଟ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି। ମାର୍ଚ୍ଚ ୨୦୨୪ ସୁଦ୍ଧା ରାଷ୍ଟ୍ରପତିଙ୍କୁ ପ୍ରଦତ୍ତ ଏହି ରିପୋର୍ଟ ଏବର୍ଷ ସେପ୍ଟେମ୍ବର ୧୮ ତାରିଖରେ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିବା ପରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଜାତୀୟ ଗଣମାଧ୍ୟମ ଗୁଡ଼ିକର ଚର୍ଚ୍ଚାର ବିଷୟ ହୋଇଛି। ଏହି ବିଲ୍ ଆଗାମୀ ପାର୍ଲାମେଣ୍ଟ-ଅଧିବେଶନରେ ଆଗତ ହେଲେ 'ଜନ ପ୍ରତିନିଧି ଅଧିନିୟମ ୧୯୫୦'ରେ ଆବଶ୍ୟକୀୟ ସଂଶୋଧନ କରିବାକୁ ପଡ଼ିବ।

ଦେଶର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସାଧାରଣ ନିର୍ବାଚନରେ ଭାରତର ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭା ପାଇଁ ଏକ ସମୟସୀମା ମଧ୍ୟରେ ଭୋଟ ଗ୍ରହଣ କରାଯାଇଥିଲା। ପ୍ରଥମ ସାଧାରଣ ନିର୍ବାଚନ ୧୯୫୧ ମସିହା ଅକ୍ଟୋବର ୨୫ ତାରିଖରେ ଆରମ୍ଭ ହୋଇ ଫେବୃଆରୀ ୧୯୫୨ ମସିହାରେ ଶେଷ ହୋଇଥିଲା ଏବଂ ସେ ବର୍ଷ ଏପ୍ରିଲ୍ ୨ ତାରିଖରେ ଫଳାଫଳ ଘୋଷିତ ହୋଇଥିଲା। ୪୫ ପ୍ରତିଶତ ମହିଳା ଓ ୮୦ ପ୍ରତିଶତ ନିରକ୍ଷର ଆପଣାର ମତଦାନ ସାବ୍ୟସ୍ତ କରିଥିବା ଏହି ନିର୍ବାଚନର ଅବଧି ତିନିମାସରୁ ଊର୍ଦ୍ଧ୍ୱ ସମୟ ଥିଲା। ଏହାର କାରଣ ନିର୍ବାଚନ କରାଇବାର ଅନଭିଜ୍ଞତା ସହ ଭାରତ ଭଳି ଏକ ବିଶାଳ ଦେଶରେ ଯୋଗାଯୋଗ ରାସ୍ତାର ବିଶେଷ ଅଭାବ। ଦ୍ୱିତୀୟ ସାଧାରଣ ନିର୍ବାଚନ ଠିକ୍ ପାଞ୍ଚ ବର୍ଷ ପରେ, ୧୯୫୭ ଫେବୃଆରୀ ୨୪ ତାରିଖରୁ ଆରମ୍ଭ ହୋଇ ସେବର୍ଷ ମାର୍ଚ୍ଚ ୧୨







ତାରିଖ ଅର୍ଥାତ୍ ମାତ୍ର ୧୮ ଦିନ ମଧ୍ୟରେ ଶେଷ ହୋଇଥିଲା। ତୃତୀୟ ସାଧାରଣ ନିର୍ବାଚନ ୧୯୬୨ ମସିହା ଫେବୃଆରୀ ୧୯ ତାରିଖରେ ଆରମ୍ଭ ହୋଇ ମାତ୍ର ସାତଦିନ ମଧ୍ୟରେ ଶେଷ ହୋଇଥିଲା। ମାତ୍ର ଓଡ଼ିଶା ବିଧାନସଭା ନିର୍ବାଚନ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟିଥିଲା। ମହତାବଙ୍କ ନେତୃତ୍ୱାଧିନ ମିଳିତ ମନ୍ତ୍ରୀମଣ୍ଡଳରେ ତୀବ୍ର ଗୋଷ୍ଠୀକନ୍ଦଳ ଯୋଗୁଁ ଡକ୍ଟର ମହତାବ ୧୯୬୧ ମସିହା ଜାନୁଆରୀ ୨୪ ତାରିଖରେ ରାଜ୍ୟପାଳଙ୍କୁ ଇସ୍ତଫା ପ୍ରଦାନ କରିଥିଲେ। ଫଳରେ ରାଜ୍ୟରେ ପ୍ରଥମଥର ପାଇଁ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ଏହା ୧୯୬୨ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଯାଏ ବଳବତ୍ତର ରହିବା ଚର୍ଚ୍ଚା ଜୋର୍ ଧରିଥିବା ବେଳେ ବିଜୁ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କୁ ପ୍ରଭାବିତ କରି ଓଡ଼ିଶାରେ 'ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ' ଘୋଷଣା କରାଇ ନେଲେ। ଫଳରେ ତୃତୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର ମାତ୍ର ଆଠମାସ ପୂର୍ବରୁ ଅର୍ଥାତ୍ ୧୯୬୧ ମସିହା ଜୁନ୍ ୨ ତାରିଖରୁ ୮ ତାରିଖ ମଧ୍ୟରେ ଓଡ଼ିଶାରେ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିବା ସହିତ ବିଜୁ







ନାୟକଙ୍କ ନେତୃତ୍ୱରେ ୧୫ ଜଣିଆ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା। ଏହାପରେ ୪ର୍ଥ ସାଧାରଣ ନିର୍ବାଚନ (୧୭.୨.୧୯୬୭ ରୁ ୨୧.୨.୧୯୬୭) ପର୍ଯ୍ୟନ୍ତ ଭାରତରେ କେନ୍ଦ୍ର ଓ ରାଜ୍ୟ ପାଇଁ ଏକ ସମୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମାତ୍ର ତୃତୀୟ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ କାରଣ ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ପଥ ପରିଷ୍କାର କଲା। ସେଥିପାଇଁ ପଞ୍ଚମ ସାଧାରଣ ନିର୍ବାଚନ ବେଳକୁ ପାର୍ଲାମେଣ୍ଟ ନିର୍ବାଚନ ସହିତ ସମସ୍ତ ରାଜ୍ୟ-ବିଧାନସଭା ନିର୍ବାଚନ ଏକାସାଙ୍ଗରେ ହୋଇପାରିଲା ନାହିଁ। ତେବେ ତୃତୀୟ ସାଧାରଣ ନିର୍ବାଚନ ବେଳେ ଓଡ଼ିଶା ବିଧାନସଭା ନିର୍ବାଚନକୁ ବାଦ୍ ଦେଲେ ୧୯୫୨ ଠାରୁ ୧୯୬୭ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟପାଇଁ ଏକା ସାଙ୍ଗରେ ନିର୍ବାଚନ ହୋଇଥିଲା ବୋଲି କୁହାଯାଇପାରିବ।








'ଏକ ରାଷ୍ଟ୍ର-ଏକ ନିର୍ବାଚନ' ପ୍ରସ୍ତାବଟି କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଗତ ସେପ୍ଟେମ୍ବର-୧୮ ତାରିଖରେ ଅନୁମୋଦନ ଲାଭ କରିବା ପରେ ଦେଶର ୪୭ଟି ରାଜନୈତିକ ଦଳ ଏହାକୁ ସମର୍ଥନ ଜଣାଇଛନ୍ତି। ଅପର ପକ୍ଷରେ ଇଣ୍ଡି ଗଟ୍ଠବନ୍ଧନର କଂଗ୍ରେସ, ଆମ ଆଦ୍‌ମୀ ପାର୍ଟି, ସମାଜ ବାଦୀ ପାର୍ଟି, ଟି.ଏମ୍.ସି. ସମେତ ୧୫ଟି ଦଳ ଏହାକୁ





ବିରୋଧ କରିଛନ୍ତି। ଟି.ଏମ୍.ସି. ଏହାକୁ ଏକଛାତ୍ରବାଦୀ ନୀତିର ଗୁପ୍ତ ଏଜେଣ୍ଡା ବୋଲି କହିଥିବା ବେଳେ ଏ.ଆଇ.ଏମ୍.ଆଇ.ଏମ୍‌ର ଅଧକ୍ଷ ଓୱେସୀ ଏହା କାର୍ଯ୍ୟକାରୀ ହେଲେ ଛୋଟ ଓ କ୍ଷେତ୍ରୀୟ ଦଳ ଗୁଡ଼ିକ ଲୋପ ପାଇଯିବେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଏକଦା ୧୯୪୨ ଭାରତଛାଡ଼ ଆନ୍ଦୋଳନକୁ ବିରୋଧ କରିଥିବା ଏବଂ ଇନ୍ଦିରାଙ୍କ ଜରୁରୀ ପରିସ୍ଥିତିକୁ ସମର୍ଥନ କରିଥିବା କମ୍ୟୁନିଷ୍ଟ ଦଳ ଏହାକୁ ଅଗଣତାନ୍ତ୍ରିକ ବୋଲି କହିଛି। ୨୦୧୪ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପରଠାରୁ କ୍ରମାଗତ ତିନୋଟି ନିର୍ବାଚନରେ ପରାଜୟ ବରଣ କରିଥିବା କଂଗ୍ରେସ ଏବେ ବାମପନ୍ଥୀଙ୍କ ପଦାଙ୍କ ଅନୁସରଣ କରି 'ଏକ ରାଷ୍ଟ୍ର-ଏକ ନିର୍ବାଚନ'କୁ ବିରୋଧ କରୁଛି। କାରଣ, ଏକଦା ଭାରତଛାଡ଼ ଆନ୍ଦୋଳନ (୧୯୪୨)ର ଡାକରା ଦେଇଥିବା କଂଗ୍ରେସଦଳ ଭାରତ-ବିଭାଜନର କାରଣ ହୋଇ ଭାରତକୁ ତିନି ପିଢ଼ି ଧରି ଶାସନ କରିବା ପରେ ମଧ୍ୟ ଭାରତକୁ ଏକ ରାଷ୍ଟ୍ର ବୋଲି ମନେ କରୁନାହିଁ। ଏହାର ସର୍ବୋଚ୍ଚ ନେତା ରାହୁଲ ଗାନ୍ଧୀ ଲୋକସଭାରେ ବିରୋଧୀ ଦଳ ନେତା ହେବା ପରେ ବାରମ୍ବାର ବିଦେଶଗସ୍ତ କରି 'ଭାରତ ଏକ ରାଷ୍ଟ୍ର ନୁହେଁ, ରାଜ୍ୟ ସମୂହ ବା ୟୁନିଅନ୍ ଅଫ୍ ଷ୍ଟେଟ୍ସ' ବୋଲି କହୁଛନ୍ତି। ବାମପନ୍ଥୀ ଉପଦେଷ୍ଟା ଓ ରାଷ୍ଟ୍ର ବିରୋଧୀ ତତ୍ତ୍ୱମାନଙ୍କ ସହ ବାରମ୍ବାର ବୈଠକ କରିବା ଦ୍ୱାରା ତାଙ୍କର ଦୃଷ୍ଟିକୋଣ ରାଷ୍ଟ୍ରପତି ସପକ୍ଷରେ ଅଛି ବୋଲି କୁହାଯାଇ ନପାରେ। ଦୀର୍ଘ କାଳଧରି କ୍ଷମତାରୁ ବାହାରେ ରହିଥିବା କଂଗ୍ରେସ ତଥା ଅସ୍ତିତ୍ୱ ହରାଇବାର ଭୟଥିବା ତୃଣମୂଳ କଂଗ୍ରେସ, କମ୍ୟୁନିଷ୍ଟ (ମାର୍କ୍ସପନ୍ଥୀ), ସମାଜବାଦୀ ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି ଇତ୍ୟାଦି ଦଳ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଲ୍‌କୁ ପାର୍ଲାମେଣ୍ଟରେ ବିରୋଧ କରିବା ନିଶ୍ଚିତ ମନେ ହେଉଛି।




ଲୋକସଭା ଓ ରାଜ୍ୟ ବିଧାନ ସଭାମାନଙ୍କର ନିର୍ବାଚନ ପାଇଁ ଅନ୍ୟୁନ ଚାରିହଜାର ପାଞ୍ଚଶ କୋଟି ଟଙ୍କା ଖର୍ଚ୍ଚ ହୁଏ ବୋଲି ଭାରତର ନିର୍ବାଚନ କମିସନ୍ ହିସାବ ଦେଇଛନ୍ତି। ଏହା ବ୍ୟତୀତ ପ୍ରାର୍ଥୀମାନଙ୍କର ଘୋଷିତ ଓ ଅଘୋଷିତ ଖର୍ଚ୍ଚ ରହିଛି। ସେଥିପାଇଁ ଦୁଇ ପର୍ଯ୍ୟାୟରେ ନିର୍ବାଚନ ହେଲେ ସ୍ୱଳ୍ପ ଖର୍ଚ୍ଚରେ ନିର୍ବାଚନ କରାଯାଇପାରିବ ବୋଲି ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ମତ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଲୋକସଭା ଓ ବିଧାନ ସଭା ଏବଂ ଏହାର ୧୦୦ ଦିନ ଭିତରେ ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକର ନିର୍ବାଚନ କରାଯାଇପାରିବ। ଏହା ଦ୍ୱାରା କିଛି ରାଜ୍ୟର ବିଧାନସଭା ମାନଙ୍କର କାର୍ଯ୍ୟକାଳକୁ କମାଇ ଦେଇ ଆଉ କିଛି ବିଧାନସଭାମାନଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ପଡ଼ିବ। ଏ ଦିଗରେ ରାଜ୍ୟଗୁଡ଼ିକୁ ଆର୍ଟିକିଲ ୩୨୪-ଏ ଏବଂ ଆର୍ଟିକଲ୍ ୩୨୫କୁ ସଂଶୋଧନ କରି ଭାରତର ନିର୍ବାଚନ କମିସନ୍‌ଙ୍କୁ କ୍ଷମତା ପ୍ରଦାନ କରାଯିବା ଆବଶ୍ୟକ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳରେ ଦକ୍ଷିଣପନ୍ଥୀ ହିନ୍ଦୁ ଓ ଭାରତୀୟ ଜନତାପାର୍ଟିକୁ କ୍ଷମତା କେନ୍ଦ୍ରରେ ରଖାଯିବା ପାଇଁ 'ଏକ ରାଷ୍ଟ୍ର- ଏକ ନିର୍ବାଚନ' ବିଲ୍ ଅଣାଯାଉଛି ବୋଲି ବିରୋଧୀଙ୍କ ପ୍ରଚାର 'କେବଳ ବିରୋଧ' ପାଇଁ ଉଦ୍ଦିଷ୍ଟ। କାରଣ ଦେଶହିତ ପାଇଁ ନରେନ୍ଦ୍ର ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରୁ ହିଁ 'ଏକ ରାଷ୍ଟ୍ର-ଏକ ନିର୍ବାଚନ'ର କଥା ବାରମ୍ବାର କହି ଆସୁଛନ୍ତି।

**ନୂଆବଜାର, କଟକ**



ଫ୍ୟାସନ୍

# ପୁରୁଷଙ୍କ ପାଇଁ କିଛି ଫ୍ୟାସନ୍ ଟିପ୍ସ

ଷ୍ଟାଇଲିସ୍ ଏବଂ ଟ୍ରେଣ୍ଡିଂ ଲୁକ୍ କ୍ୟାରି କରିବାକୁ ପୁରୁଷମାନେ କିଛି ବି କରିଥାନ୍ତି। ଅଧିକାଂଶ ପୁରୁଷ ମହଙ୍ଗା ଡ୍ରେସ୍ ଏବଂ ମ୍ୟାଚିଂଗ୍ ଆସେସୋରିଜ୍ ସାହାଯ୍ୟରେ ବେଷ୍ଟ ଲୁକ୍ ପାଇବାକୁ ଚେଷ୍ଟ କରନ୍ତି। ଏପରି ପରିସ୍ଥିତିରେ ଆପଣ କିଛି ସହଜ ଫ୍ୟାସନ୍ ଟିପ୍ସ ଟ୍ରାଏ କଲେ ପୁରୁଷମାନଙ୍କ ଷ୍ଟାଇଲିସ୍ ଏବଂ ପର୍ସନାଲିଟ୍କୁ ବଢ଼ାଇଥାଏ। ତେଣୁ କିଛି ଫ୍ୟାସନ୍ ଟିପ୍ସକୁ ଫଲୋ କରି ଆପଣ ସହଜରେ କମ୍ଫିଟ୍ ଓ ଡ୍ୟାସିଂ ଲୁକ୍ କ୍ୟାରି କରିପାରିବେ। ଏହି ତାଲିକାରେ ଅନେକ ଷ୍ଟାଇଲ୍ ବର୍ତ୍ତମାନ ଟ୍ରେଣ୍ଡ୍‌ରେ ରହିଛି।

### ଟ୍ରେଣ୍ଡିଂ ଟାଇ

ପ୍ରଫେସନାଲ ଲୁକ୍ କ୍ୟାରି କରିବା ପାଇଁ ହେଲେ ସଲିଡ୍ ନେକ୍‌ଟାଇ ସହିତ ପ୍ୟାର୍ଟନ୍ ନେକ୍‌ଟାଇ ଟ୍ରାଏ କରନ୍ତୁ। ଆଜିକାଲି ପୁରୁଷମାନଙ୍କ ମଧ୍ୟରେ ଟାଇ ବାନ୍ଧିବାର ବହୁତ ପସନ୍ଦରେ ରହିଛି। କୌଣସି ପାର୍ଟିରେ ଷ୍ଟାଇଲିସ୍ ଲୁକ୍ ସହିତ ସିମ୍ପିଲ୍ ବା ବେର୍ଷ୍ଟନ୍ ଟାଇ ଟ୍ରାଏ କରନ୍ତୁ। ଏକ ସ୍କିନି ଟାଇ ପିନ୍ଧିବା ମଧ୍ୟ ପୁରୁଷମାନଙ୍କ ପାଇଁ ବେଷ୍ଟ ବିକଳ୍ପ ହୋଇପାରେ।

### କୋଟ୍ ବା ବ୍ଲେଜର

କୋଟ୍ ପ୍ୟାଣ୍ଟରେ ବେଷ୍ଟ ଲୁକ୍ କ୍ୟାରି କରିବା ପାଇଁ ଟାଇପ୍ କୋଟ୍, ସ୍ଲିମ୍ ଫିଟ୍ ସିଙ୍ଗଲ୍ ବ୍ରେଷ୍ଟଡ୍ ସୁଟ୍, ସ୍ଲିମ୍ ଫିଟ୍ ସୁଟ୍ ଏବଂ ଫୁଲ୍ ଶୋଲ୍ଡର୍ ଡିଜାଇନ୍ ସହିତ ସ୍ଲିମ୍ କଟ୍ ଥ୍ରିଡ଼ି କୋଟ୍ ପ୍ୟାଣ୍ଟ ଟ୍ରାଏ କରିପାରିବେ। ଏହା ସହିତ କାଜୁଆଲ୍ ବ୍ଲେଜର ଏବଂ ସ୍ଲିମ୍ ଫିଟ୍ ବ୍ଲେଜର୍ ପିନ୍ଧିବା ମଧ୍ୟ ପୁରୁଷମାନଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ହୋଇଥାଏ। ଏହାକୁ କ୍ୟାରି କରିବା ଦ୍ୱାରା ସେମାନଙ୍କ ପସ୍‌ନାଲିଟ୍ ଏବଂ ଷ୍ଟାଇଲିସ୍ ନଜର ଆସିଥାନ୍ତି।

### ସାର୍ଟ

ଷ୍ଟାଇଲିସ୍‌କୁ ବଢ଼ାଇବା ପାଇଁ କିଛି ସ୍ୱତନ୍ତ୍ର ସାର୍ଟ ସିଲେକ୍ସନ୍ ପୁରୁଷଙ୍କ ବଡ଼ ବିକଳ୍ପ ହୋଇପାରେ। ଏପରି ପରିସ୍ଥିତିରେ, ଆପଣ ମାଣ୍ଡାରିନ୍ କଲର କାଜୁଆଲ୍ ସାର୍ଟଠାରୁ ଆରମ୍ଭ କରି ଡେନିମ୍ ସ୍ଲିମ୍ କାଜୁଆଲ୍ ସାର୍ଟ, ପ୍ଲେନ୍ ଫିଟ୍ କାଜୁଆଲ୍ ସାର୍ଟ, ସଲିଡ୍ ରେଗୁଲାର୍ ଫିଟ୍ କାଜୁଆଲ୍ ସାର୍ଟ ସହିତ ନର୍ମାଲ୍ କଟନ୍ ସାର୍ଟ ସବୁ ଅକେଜନ୍‌ରେ କ୍ୟାରି କରିପାରିବେ।

### ମ୍ୟାଚିଂ ଆସେସୋରିଜ୍

ଡ୍ରେସ୍ ଏବଂ ଜୋତା ବ୍ୟତୀତ କିଛି ଆସେସୋରିଜ୍ ମଧ୍ୟ ପୁରୁଷଙ୍କ ଲୁକ୍‌କୁ ବଢ଼ାଇଥାଏ। ଏପରି ପରିସ୍ଥିତିରେ, ସମ୍ପୂର୍ଣ୍ଣ ଲୁକ୍ ପାଇବା ପାଇଁ, ଏକ ଷ୍ଟାଇଲିସ୍ ୱାଚ୍ କିମ୍ବା



ସ୍ମାର୍ଟ ୱାଚ୍ ସନ୍‌ଗ୍ଲାସ୍, ୱାଲେଟ୍ ଏବଂ ବେଲ୍ଟ କ୍ୟାରି କରିବାକୁ ଭୁଲନ୍ତୁ ନାହିଁ। ଏହା ଆପଣଙ୍କ ଚେହେରାକୁ ସ୍ମାର୍ଟ ଏବଂ ଡ୍ୟାସିଂ ଲୁକ୍ ଦେଇଥାଏ।

### ଜୋତା

ପରଫେକ୍ଟ ଲୁକ୍ କ୍ୟାରି କରିବାକୁ ହେଲେ, ଜୋତା ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ। ଏଭଳି ପରିସ୍ଥିତିରେ, ଆପଣ ଏକ ଫର୍ମାଲ୍ ଲୁକ୍ ପାଇବା ପାଇଁ ବ୍ଲାକ୍ ଜୋତା ଚୟନ କରିପାରିବେ। ଅଫିସ୍ କିମ୍ବା ମିଟିଂ ପାଇଁ ବ୍ଲାକ୍ ଜୋତା ପିନ୍ଧିବା ଭଲ। ଏହା ବ୍ୟତୀତ, ଆପଣ ଷ୍ଟାଇଲିସ୍ ଦେଖାଯିବା ପାଇଁ ଲାଲ୍ ଟେପ୍ ଫର୍ମାଲ୍ ଜୋତା ଟ୍ରାଏ କରିପାରିବେ।

ରୋଷେଇ ଘରୁ

# ବାଦାମ ମଟନ କୋରମା

### ଆବଶ୍ୟକ ସାମଗ୍ରୀ:

ମଟନ-୫୦୦ଗ୍ରାମ୍, ଆଲମଣ୍ଡ-୧କପ୍, ପିଆଜ-୨ଟି, ଦହି-୪ଚାମଚ, ଘିଅ-୪ଚାମଚ, ଅଦା ରସୁଣ ପେଷ୍ଟ-୧, ଧନିଆ ପତ୍ର, ହଳଦି ପାଉଡ଼ର, କାଶ୍ମିରୀ ଚିଲ୍ଲି, ଧନିଆ ପାଉଡ଼ର, ଗୋଟା ମସଲା (ଜିରା, ଗୁଜୁରାତି, ଜାଇଫଳ, ତେଜପତ୍ର, ଲବଙ୍ଗ, ଡାଲଚିନି, ଜାୟତ୍ରି), ରୋଜ ୱାଟର- ଅଧା ଚାମଚ, ଲୁଣ।

### ପ୍ରଣାଳୀ:

ପ୍ରଥମେ ଆଲମଣ୍ଡକୁ ଉଷୁମ ପାଣିରେ ବତୁରାଇ ନିଅନ୍ତୁ। ଏହି ଆଲମଣ୍ଡର ଚୋପା ଛଡ଼ାଇ ଦହି ସହିତ ଗ୍ରାଇଣ୍ଡିଂ କରିନିଅନ୍ତୁ। ପିଆଜକୁ ଡ୍ରାଏ ଭାବେ ଭାଜି ଗ୍ରାଇଣ୍ଡିଂ କରିନେବେ। ଏହାପରେ ପ୍ୟାନ୍‌ରେ ଘିଅ ଗରମ ହେଲା ପରେ ଏଥିରେ ଗୋଟା ମସଲା ପକାଇ ଭାଜିବେ। ସେଥିରେ ମଟନ ପକାଇ ଭାଜନ୍ତୁ। ଏଥିରେ ଅଦା ରସୁଣ ପେଷ୍ଟ ମିଶାଇ କଷନ୍ତୁ। ଏହି ମସଲାରେ ହଳଦି, କାଶ୍ମିରୀ ଚିଲ୍ଲି, ଧନିଆ ପାଉଡ଼ର, ଲୁଣ ଦେଇ ମିଶେଇବେ। ଅଳ୍ପ ସମୟ ଭାଜିବା ପରେ ଗ୍ରାଇଣ୍ଡିଂ କରି ରଖିଥିବା ଦହି, ଆଲମଣ୍ଡ ଦେଇ ମିଶାନ୍ତୁ। ଏଥିରେ ଗ୍ରାଇଣ୍ଡିଂ କରି ରଖିଥିବା ପିଆଜକୁ ମିକ୍ସ କରି ଗରମ ପାଣି ଦେବେ। ଏହାକୁ ୪୦ ମିନିଟ୍ ପର୍ଯ୍ୟନ୍ତ ଧିମା ଆଞ୍ଚରେ ରଖିବେ। ମାଂସ ସିଝି ଯିବା ପରେ ଏଥିରେ ଅଳ୍ପ ରୋଜ ୱାଟର ମିଶାନ୍ତୁ। ଏହାକୁ ଅଳ୍ପ ସମୟ ଫୁଟିବାକୁ ଦିଅନ୍ତୁ। ଶେଷରେ ଗରମ ମସଲା, କାଟି ରଖିଥିବା ଧନିଆ ପତ୍ର ପକାଇ ଘୋଡ଼ାଇ ଦେବେ। ଏହି ବାଦାମ ମଟନ କୋରମାକୁ ଭାତ, ରୁଟି, ନାନ୍ ସହିତ ଖାଇ ପାରିବେ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ସପ୍ତାହଟି ବ୍ୟବସାୟରେ ସାବଧାନ ରହିବା ଆବଶ୍ୟକ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେଇପାରେ। ସାମାଜିକ ମାନସମ୍ମାନ ବୃଦ୍ଧିପାଇପାରେ। ଲାଗିଥିବା ବିବାଦ ଆଲୋଚନା ଦ୍ୱାରା ସମାଧାନ ହେବ।

**ବୃଷ** ସପ୍ତାହଟି ଚାକିରିରେ ଉନ୍ନତି ହେବ। ବନ୍ଧୁଙ୍କ ଦ୍ୱାରା ସମ୍ମାନ ବୃଦ୍ଧିପାଇବ। ପାରିବାରିକ ଅଶାନ୍ତି ଦୂରହେବ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ମହିଳାମାନେ ସୁଖୀ ତଥା ସଫଳତା ଲାଭ କରିବେ।

**ମିଥୁନ** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ଆକସ୍ମିକ ଧନଲାଭ ହେବ। ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ଶାନ୍ତି ମିଳିବ। ଶତ୍ରୁମାନେ ପରାଜିତ ହୋଇପାରନ୍ତି।

**କର୍କଟ** ସପ୍ତାହଟି ବ୍ୟବସାୟରେ ଲାଭ ଓ କ୍ଷତି ସମାନ ରହିବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ।

**ସିଂହ** ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଆର୍ଥିକ ଅଭାବ ଦେଖାଦେଇପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ମହିଳାମାନେ ସୁଖୀ ରହିବେ।

**କନ୍ୟା** ସପ୍ତାହଟି ବନ୍ଧୁଙ୍କ ଦ୍ୱାରା ବ୍ୟବସାୟରେ ଉନ୍ନତି ହେବ। ନୂତନ ଦ୍ରବ୍ୟ ଲାଭ ହେବ। ସାମାଜିକ ପ୍ରତିଷ୍ଠା ମିଳିବ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଶାରୀରିକ ସୁଖ ଅନୁଭବ କରିବେ।

**ତୁଳା** ସପ୍ତାହଟି ଧନ ସମ୍ପତ୍ତି ବୃଦ୍ଧିପାଇବ। ବ୍ୟବସାୟରେ ଲାଭବାନ ହେବେ। ଶତ୍ରୁମାନେ ପରାଜିତ ହେବେ। ପାରିବାରିକ ସୁଖ ବୃଦ୍ଧିପାଇବ। ସାମାଜିକ ସମ୍ମାନ ବୃଦ୍ଧିପାଇବ। ମହିଳାମାନେ ଧର୍ମକାର୍ଯ୍ୟରେ ମନ ବଳାଇବେ।

**ବିଛା** ସପ୍ତାହଟିରେ ବିଭିନ୍ନ ସମସ୍ୟାର ସମାଧାନ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିପାରିବ। ବ୍ୟବସାୟରେ ଲାଭ ହେବ। ଅଧିକ ଅର୍ଥ ବ୍ୟୟ ହୋଇପାରେ। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ।

**ଧନୁ** ସପ୍ତାହଟିରେ କର୍ମକ୍ଷେତ୍ରରେ ସମ୍ମାନହାନୀ ହୋଇପାରେ। ବ୍ୟବସାୟରେ କ୍ଷତି ସହିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ। ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ। ଅର୍ଥ ବ୍ୟୟ ହେବ। ମହିଳାମାନେ ଅଶାନ୍ତିରେ ରହିବେ।

**ମକର** ସପ୍ତାହଟି ବ୍ୟବସାୟରେ ବାଧା ଓ ବିଘ୍ନ ଦୂର ହେବ। କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ବନ୍ଧୁଙ୍କ ସହଯୋଗ ପାଇବେ। ଗୃହନିର୍ମାଣ ସୁଯୋଗ ଆସିପାରେ। ମହିଳାମାନେ ସୁଖୀ ରହିବେ। ଛାତ୍ରଛାତ୍ରୀ ଶିକ୍ଷାରେ ଉପକୃତ ହେବେ।

**କୁମ୍ଭ** ସପ୍ତାହଟିରେ ସାମାଜିକ ମାନସମ୍ମାନ ବୃଦ୍ଧିପାଇପାରେ। ଆକସ୍ମିକ ଧନଲାଭ ହୋଇପାରେ। କୌଶଳ ଦ୍ୱାରା ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ମହିଳାମାନେ ଧର୍ମକାର୍ଯ୍ୟରେ ମନ ଦେବେ।


**ମୀନ** ସପ୍ତାହଟି ଚାକରି କ୍ଷେତ୍ରରେ ଚିନ୍ତିତ ରହିପାରନ୍ତି। ବ୍ୟବସାୟରେ ଲାଭବାନ ହୋଇପାରନ୍ତି। ଅର୍ଥ ଲାଭ ହୋଇପାରେ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହେବ। ମାନସମ୍ମାନ ବୃଦ୍ଧିପାଇବ।

■ ପର୍ଯ୍ୟଟନ

# ମନୋହର ସୌନ୍ଦର୍ଯ୍ୟ ବନ



ସୁନ୍ଦରବନ ଜାତୀୟ ଉଦ୍ୟାନ କେବଳ ପଶ୍ଚିମବଙ୍ଗ ନୁହେଁ ସାରା ଭାରତବର୍ଷର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ବର୍ଷକୁ ହଜାର ହଜାର ପର୍ଯ୍ୟଟକ କେବଳ ସୁନ୍ଦରବନର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ନୁହେଁ ବ୍ୟାଘ୍ର ସଂରକ୍ଷଣ ମଧ୍ୟ ଅନ୍ୟ ଏକ ଆକର୍ଷଣ ଥିବା କାରଣରୁ ଏଠାକୁ ଆସିଥାନ୍ତି। ସୁନ୍ଦରବନ ପ୍ରତି ଆକର୍ଷିତ ହୋଇ ବିଶ୍ୱସମୁଦାୟର ଲକ୍ଷ ଲକ୍ଷ ପର୍ଯ୍ୟଟକ ଏଠାକାର ପ୍ରାକୃତିକ ପରିବେଶ, ବିଭିନ୍ନପ୍ରକାର ପଶୁପକ୍ଷୀ, ସରୀସୃପ ତଥା ପ୍ରସିଦ୍ଧ ବେଙ୍ଗଲ ଟାଇଗର ଦେଖିବାକୁ ଆସିଥାନ୍ତି। ସୁନ୍ଦରବନକୁ ଆହୁରି ସୁନ୍ଦର କରିବାକୁ ୟୁନେସ୍କ ହେରିଟେଜ୍ ଉଭୟ ଭାରତ ଓ ବାଙ୍ଲାଦେଶ ସହାୟତା ନେଇ ବିଶ୍ୱ ପର୍ଯ୍ୟଟନରେ ସ୍ଥାନିତ କରିବାର ଭୂମିକା ପ୍ରଶଂସନୀୟ। ଏଣୁ ଏଠାକୁ ପର୍ଯ୍ୟଟକଙ୍କର ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ କରାଯାଇଥିବା ବ୍ୟାଘ୍ର ଉଦ୍ୟାନରେ ୪୦୦ରୁ ଅଧିକ ରୟାଲ ବେଙ୍ଗଲ ଟାଇଗର ଥିବା କାରଣରୁ ଏହାର ମହତ୍ତ୍ୱ ବୃଦ୍ଧି କରାଯାଇପାରିଛି।









### କଣ ସବୁ ରହିଛି ପାରିପାର୍ଶ୍ୱିକ ପରିବେଶ-

ସୁନ୍ଦରବନ ତ୍ରିକୋଣୀୟ ଭୂମିର ସୁନ୍ଦରବନ ଜାତୀୟ ଉଦ୍ୟାନ ଏକ ଅଂଶ। ଏହି ଜାତୀୟ ଉଦ୍ୟାନକୁ ଲାଗି ରହିଛି ହଜାର ହଜାର ବର୍ଗ ପରିମିତ ସୌନ୍ଦର୍ଯ୍ୟର ଗନ୍ତାଗର। ହଜାର ହଜାର ଗୁଳ୍ମଜାତୀୟ ଉଦ୍ଭିଦ ଏଠାରେ ଦେଖିବାକୁ ମିଳେ। ଏହା ଘଞ୍ଚଜଙ୍ଗଲ ମଧ୍ୟରେ ପରିବେଷ୍ଟିତ ହୋଇଥିବାରୁ ସବୁବେଳେ ସବୁଜ ବନାନୀ ଘେରା ହୋଇ ରହିଥାଏ।

### ବେଙ୍ଗଲ ଟାଇଗର ଏକ ଆକର୍ଷଣ-

ସୁନ୍ଦରବନ ଜାତୀୟ ଉଦ୍ୟାନ କେବଳ ପ୍ରାକୃତିକ ପରିବେଶକୁ ନେଇ ନୁହେଁ ଏଠାରେ ମଧ୍ୟ ରୟାଲ ବେଙ୍ଗଲ ଟାଇଗର ପାଇଁ ରହିଛି ସ୍ୱତନ୍ତ୍ର ଆକର୍ଷଣ। ରୟାଲ ବେଙ୍ଗଲ ଟାଇଗର ଏକ ସ୍ୱତନ୍ତ୍ର ପ୍ରଜାତିର ବାଘ ହୋଇଥିବା କାରଣରୁ, ସେମାନଙ୍କୁ ଦେଖିବାକୁ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହା ଏହି ଜାତୀୟ ଉଦ୍ୟାନର ଏକ ପ୍ରମୁଖ ଆକର୍ଷଣ।

### ବିରଳ ସରୀସୃପ ମଧ୍ୟ ଆଉ ଏକ ଆକର୍ଷଣ-

ଏଠାରେ କେବଳ ବାଘ ଆକର୍ଷଣ ନୁହନ୍ତି, ଅନେକ ପ୍ରକାର ବିରଳ ସରୀସୃପ ଦେଖିବାକୁ ମିଳେ। ଅଲିଭ୍ ରିଡ୍‌ଲେ କଇଁଚ, କଙ୍କଡ଼ା, ହରିଣ, କୁମ୍ଭୀର, ବଣୁଆ ଭାଲୁଙ୍କ ସହିତ ହଜାର ହଜାର ପ୍ରଜାତିର ବିରଳ ସରୀସୃପ ଦେଖିବାକୁ ମିଳେ। ଏହି ଉଦ୍ୟାନଟିରେ ରହିଛି ମଧ୍ୟ ଅନେକ ବିରଳ ଗୁଳ୍ମ। ବିଶେଷକରି ଏଠାରେ ବଢୁଥିବା ବିଭିନ୍ନ ଗଛବୃଚ୍ଛଙ୍କ ମଧ୍ୟରେ ବହୁଳ ସଂଖ୍ୟାରେ ସୁନ୍ଦରୀ ଗଛ ଦେଖିବାକୁ ମିଳେ। ବୋଧେ ସୁନ୍ଦରୀ ଗଛରେ ପରିପୂର୍ଣ୍ଣ

ଏହି



ତ୍ରିକୋଣୀୟ ଭୂମି ପାଇଁ ସୁନ୍ଦରବନର ନାମକରଣ କରାଯାଇଛି।

### ଅବସ୍ଥିତ-

ସୁନ୍ଦରବନ ଜାତୀୟ ଉଦ୍ୟାନ କୋଲକାତାରୁ ୧୧୦କି.ମି.। ଏହା ୨୪ପ୍ରଗଣା ଜିଲ୍ଲାରେ ଅବସ୍ଥିତ। ସଡ଼କପଥରେ ସୁନ୍ଦରବନକୁ ଯିବାକୁ ଅନେକ ସୁବିଧା ରହିଛି, କିନ୍ତୁ ନିକଟସ୍ଥ ବିମାନବନ୍ଦର ହେଉଛି ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆର୍ନ୍ତଜାତୀୟ ବିମାନ ବନ୍ଦର।

### ଯୋଗାଯୋଗ-

ଏଠାକୁ ଯିବାକୁ ହେଲେ ରେଳପଥରେ କେନିଙ୍ଗ ରେଲୱେ ଷ୍ଟେସନ ଯାହା ସୁନ୍ଦରବନରୁ ୨୯କି.ମି.ଦୂର। ରେଳଷ୍ଟେସନରୁ ବସ୍ କିମ୍ୱା କ୍ୟାବ୍ ଯୋଗେ ସୁନ୍ଦରବନ ଯିବାରେ କିଛି ଅସୁବିଧା ନାହିଁ। ଯେଉଁମାନେ ବିମାନରେ ଯିବେ ସୁବାଷ ବୋଷ ବିମାନବନ୍ଦରରୁ ଓହ୍ଲାଇ ୧୪୦କି.ମି. ରାସ୍ତା ବସ୍ କିମ୍ୱା କ୍ୟାବ୍‌ରେ ମାଧ୍ୟମରେ ଯାଇପାରିବେ।

### ରହିବାର ସୁବିଧା-

ଏହା ନିକଟରେ ଅନେକ ହୋଟେଲ ଶିଳ୍ପ ଗଢ଼ି ଉଠିଛି। ନଚେତ୍ ୨୪ପ୍ରଗଣା ଜିଲ୍ଲା ହେଡ୍ କ୍ୱାଟରରେ ରହି ସେଠାକୁ ଯାଇପାରିବେ। ଅନେକ ସଂସ୍ଥା ଟୁରିଜିମ୍ ପ୍ୟାକେଜ୍ ଦେଇ ଖାଇବା ଓ ରହିବାର ସୁବନ୍ଦୋବସ୍ତ କରିଥାନ୍ତି।

ମନୋରଞ୍ଜନ







# 'ଘାଟି'ର ପୋଷ୍ଟର୍ ରିଲିଜ

ଫିଲ୍ମି ଜଗତରେ ଅନେକ ଅଭିନେତ୍ରୀ ଅଛନ୍ତି ଯେଉଁମାନେ ନିଜର ଅଭିନୟ ଓ ସୌନ୍ଦର୍ଯ୍ୟ ଦ୍ୱାରା ଦର୍ଶକମାନଙ୍କର ହୃଦୟକୁ ଜିତି ପାରିଥାନ୍ତି। ଏହି ସୂଚୀରେ ସାମିଲ ଅଛନ୍ତି ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଅନୁଷ୍କା ସେଟ୍ଟିଙ୍କ ବିଷୟରେ। ତାଙ୍କର ଆଗାମୀ ଫିଲ୍ମର ପୋଷ୍ଟର୍ ରିଲିଜ ହୋଇଛି ଯେଉଁଥିରେ ତାଙ୍କର ଭୟଙ୍କର ଲୁକ୍ ଦେଖିବାକୁ ମିଳିବ। ସୁପର୍‌ଷ୍ଟାର ପ୍ରଭାସଙ୍କ ସହିତ ମିଶି ସେ ଇଣ୍ଡଷ୍ଟ୍ରିକୁ ଦେଇଥିଲେ ୧୦୦୦ କୋଟିର ଏକ ଫିଲ୍ମ। ଏହା ସହିତ ବ୍ୟକ୍ତିଗତ ସ୍ତରରେ ମଧ୍ୟ ତାଙ୍କ ନାମ ପ୍ରଭାସଙ୍କ ସହିତ ଯୋଡ଼ା ଯାଇଛି। ୭ ତାରିଖରେ ଅନୁଷ୍କା ପାଳନ କରିଛନ୍ତି ତାଙ୍କର ୪୩ତମ ଜନ୍ମଦିନ। ଏହି ଖାସ୍ ଅବସରରେ ୟୁଭି କ୍ରିଏସନ୍ ତରଫରୁ ଫିଲ୍ମ 'ଘାଟି'ର ପୋଷ୍ଟର୍ ରିଲିଜ କରିଦିଆ ଯାଇଥିଲା ଯେଉଁଥିରେ ଅନୁଷ୍କାଙ୍କର ଭୟଙ୍କର ଲୁକ୍ ଦେଖିବାକୁ ମିଳୁଛି। ଏଥିରେ ଅନୁଷ୍କାଙ୍କ ମୁହଁରେ ସିଗାର୍, ଆଖିରେ କ୍ରୋଧ ଓ ରକ୍ତଭିଜା ଲୁକ୍ ଦର୍ଶକମାନଙ୍କୁ ଭୟଙ୍କର ଅନୁଭବ ଦେବ। ଏହା ପୂର୍ବରୁ ଅନୁଷ୍କା, ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲୀଙ୍କ କଲ୍ଟ ମୁଭି ଫ୍ରାଞ୍ଚାଇଜିରେ ସୁପର୍‌ଷ୍ଟାର ପ୍ରଭାସଙ୍କ ସହିତ ସ୍କ୍ରିନ୍ ସେୟାର୍ କରିଥିଲେ। ତାଙ୍କର 'ବାହୁବଳୀ-୨' ପୂରା ବିଶ୍ୱରେ ୧୦୦୦ କୋଟିରୁ ଅଧିକ କାରବାର କରିଥିଲା।

## ମଣିରତ୍ନମ୍‌ଙ୍କ ଫିଲ୍ମରେ
# ଅଭିଷେକ-ଐଶ୍ୱର୍ଯ୍ୟା



ବିଗତ କିଛି ଦିନ ହେଲା ଅଭିଷେକ ଓ ଐଶ୍ୱର୍ଯ୍ୟା ସେମାନଙ୍କ ବୈବାହିକ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଶୁଣିବା ପରଠାରୁ ତାଙ୍କର ପ୍ରଶଂସକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ତେବେ ଖବର ଅନୁସାରେ ୧୪ ବର୍ଷ ପରେ ଅଭିଷେକ ଓ ଐଶ୍ୱର୍ଯ୍ୟା ଏକା ସହିତ କାମ କରିବାକୁ ଯାଉଛନ୍ତି। ୨୦୦୭ରେ ନିର୍ଦ୍ଦେଶକ ମଣିରତ୍ନମ୍‌ଙ୍କ ଫିଲ୍ମ 'ଗୁରୁ'ର ସେଟ୍‌ରୁ ଏମାନଙ୍କର ପ୍ରେମ କାହାଣୀ ଆରମ୍ଭ ହୋଇଥିଲା। ଏ ଦୁଇ ଜଣଙ୍କ ସହିତ ପୁଣି ଥରେ ଫିଲ୍ମ ନିର୍ମାଣ କରିବା ପାଇଁ ବିଚାର କରୁଛନ୍ତି ମଣିରତ୍ନମ୍। ଫିଲ୍ମ 'ଗୁରୁ' ଓ 'ରାବଣ' ପରେ ଏବେ ଏହି ଯୋଡ଼ିଙ୍କ ସହିତ ତୃତୀୟ ଫିଲ୍ମର ନିର୍ମାଣ କରିବାକୁ ଯାଉଛନ୍ତି ମଣିରତ୍ନମ୍। ଏଥିପାଇଁ ସେ ବିଷୟବସ୍ତୁ ଖୋଜୁଛନ୍ତି। ସେ ସମୟରେ ଫିଲ୍ମ 'ଗୁରୁ' ୨୨ କୋଟି ବଜେଟ୍‌ରେ ନିର୍ମାଣ କରାଯାଇଥିଲା। ବିଶ୍ୱ ସ୍ତରରେ ଆୟ କରିଥିଲା ୮୨.୪୦ କୋଟି। 'ରାବଣ' ବକ୍ସ ଅଫିସ୍‌ରେ ୨୯.୧୭ କୋଟିର ଆୟ କରିଥିଲା। ମଣିରତ୍ନମଙ୍କ ଫିଲ୍ମ ବ୍ୟତୀତ ଅଭିଷେକ-ଐଶ୍ୱର୍ଯ୍ୟା, ଢ଼ାଇ ଅକ୍ଷର ପ୍ରେମ୍ କେ, କୁଛ୍ ନ କହୋ, ଉମରାଓ ଜାନ୍, ସରକାର ରାଜ, ଧୂମ୍-୨ ପରି ଫିଲ୍ମଗୁଡ଼ିକରେ କାମ କରିସାରିଛନ୍ତି।

## ଓଟିଟିରେ
# 'ପ୍ରସ୍ଥାନମ୍'



ଦୀପାବଳିର ଶୁଭ ଅବସରରେ ନଭେମ୍ବର ୧ ତାରିଖରେ ଘରୋଇ ଓ ଅଗ୍ରଣୀ ଓଟିଟି ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ 'କଞ୍ଚା ଲଙ୍କା'ରେ ମୁକ୍ତିଲାଭ କରିସାରିଛି 'ପ୍ରସ୍ଥାନମ୍'। ଏହି ଫିଲ୍ମରେ କଲେଜ କ୍ୟାମ୍ପସ୍ ଜୀବନର ଯୁବପ୍ରେମ, ଉଚ୍ଚାକାଂକ୍ଷା ସଂଘର୍ଷ ମାଧ୍ୟମରେ ଦର୍ଶକଙ୍କ ପାଇଁ ଏକ ରୋମାନ୍ସ-ଆକ୍ସନ୍ କାହାଣୀକୁ ଉପସ୍ଥାପନ କରାଯାଇଛି। ରାଜା.ଡିଙ୍କ ଦ୍ୱାରା ନିର୍ଦ୍ଦେଶିତ 'ପ୍ରସ୍ଥାନମ୍'ରେ ଅମ୍ଲାନ ଦାସ, ଶ୍ରଦ୍ଧା ପାଣିଗ୍ରାହୀ, ପାର୍ଥ ସାରଥୀ ରାୟ ଓ ମନୋଜ ମିଶ୍ର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। କଲେଜ ରାଜନୀତିର ପୃଷ୍ଠଭୂମିରେ ରୋମାନ୍ସ ଏବଂ ନାଟକର ଏକ ମିଶ୍ରଣ ପ୍ରତିଶ୍ରୁତି ହେଉଛି 'ପ୍ରସ୍ଥାନମ୍'। ଦୁଇ ଯୁବ ପ୍ରେମିକଙ୍କ ଉପରେ ଫିଲ୍ମର କାହାଣୀ ଆଧାରିତ ଯେଉଁମାନଙ୍କର ସମ୍ପର୍କ କଲେଜ ନିର୍ବାଚନରେ ତୀବ୍ର ବନ୍ଧୁତ୍ୱ, ତୀବ୍ର ବିରୋଧ ଏବଂ ଅପ୍ରତ୍ୟାଶିତ ମୋଡ଼ଗୁଡିକର ଏକ ନାଟକୀୟ ଜାଲରେ ଘୂରି ବୁଲୁଛି। 'ପ୍ରସ୍ଥାନମ୍' ଜରିଆରେ ଆମେ ସାହସୀ, ଭାବପ୍ରବଣ ଯାତ୍ରାକୁ ପରଦା ଉପରକୁ ଆଣିବାକୁ ଯାଉଛୁ ଯାହା ସହ ସମସ୍ତେ ଯୋଡ଼ି ହୋଇପାରିବେ। ଏହା ପ୍ରେମ ଏବଂ ଅଭିଳାଷର ଏକ ରୋମାଞ୍ଚକର କାହାଣୀ ଯାହା ଦର୍ଶକମାନଙ୍କୁ ବହୁତ ଭଲ ଲାଗିବ। 'ପ୍ରସ୍ଥାନମ୍'ରେ ପ୍ରେମ ଓ କ୍ଷମତାରେ ଫସିଥିବା ଯୁବ ହୃଦୟର ଅଶାନ୍ତ ଯାତ୍ରା ପ୍ରତିଫଳିତ ହୋଇଛି। ଏହା ଏମିତି ଏକ କାହାଣୀ ଯାହା ପ୍ରତିଦ୍ୱନ୍ଦ୍ୱିତାର ଉତ୍ତାପ ଭିତରେ ପ୍ରେମର ଉତ୍ତେଜନା ଏବଂ ଆହ୍ୱାନର ସମ୍ମୁଖୀନ ହୋଇଥିବା କାହାକୁ ବି ଅନୁରଣିତ କରେ। 'କଞ୍ଚା ଲଙ୍କା' ଓଡ଼ିଶାର ଏକ ଅଗ୍ରଣୀ, ମନୋରଞ୍ଜନଭିତ୍ତିକ ଓଟିଟି ପ୍ଲାଟ୍‌ଫର୍ମ। ଏହା ବିଶ୍ୱବ୍ୟାପୀ ଦର୍ଶକମାନଙ୍କୁ ଉଚ୍ଚ ମାନର ଓଡ଼ିଆ କଣ୍ଟେଣ୍ଟ୍ ପରଷିବା ପାଇଁ ସମର୍ପିତ ହୋଇ ରହିଛି। ସିନେମା, ୱେବ୍ ସିରିଜ, କ୍ରୀଡା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରି ବିବିଧ ବିକଳ୍ପ ପାଇଁ ଏକ ପ୍ରମୁଖ ମାଧ୍ୟମ ହେଉଛି 'କଞ୍ଚା ଲଙ୍କା'।

# କରଣଙ୍କ ଆଗାମୀ ରୋମାଣ୍ଟିକ୍ ଫିଲ୍ମ



କରଣ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ, ଆଇକନିକ୍ ଲଭ୍ ଷ୍ଟୋରିଜ୍ ଦେବା ଦିଗରେ ବେଶ୍ ପ୍ରସିଦ୍ଧି ହାସଲ କରିଛି। ସେ କଭି ଆଲବିଦା ନ କେହେନା, ଏ ଦିଲ୍ ହେ ମୁସ୍କିଲ୍ ଓ ରକି ଔର୍ ରାନୀ କୀ ପ୍ରେମ୍ କହାନୀ ପରି ହିଟ୍ ଫିଲ୍ମ ଦେଇଛନ୍ତି। ଏବେ ପ୍ରଡକ୍ସନ୍ ହାଉସ୍ ଆଉ ଏକ ରୋମାଣ୍ଟିକ୍ ପ୍ରେମ କାହାଣୀ 'ଚାନ୍ଦ୍ ମେରା ଦିଲ୍' ସହିତ ଫେରୁଛି। ଏଥର ମୁଖ୍ୟ ଅଭିନେତା ଓ ଅଭିନେତ୍ରୀ ଭାବରେ ଲକ୍ଷ୍ୟ ଓ ଅନନ୍ୟା ପାଣ୍ଡେଙ୍କୁ ଦେଖିବାକୁ ମିଳିବ। କରଣ ଚାରୋଟି ପୋଷ୍ଟର ସେୟାର୍ କରିଛନ୍ତି ଯେଉଁଥିରେ ଏ ଦୁଇ ଜଣଙ୍କର କେମିଷ୍ଟ୍ରି ନଜର ଆସୁଛି। ଏଥିରେ ଲେଖିଛନ୍ତି- ଆମର ଦୁଇଟି ଚନ୍ଦ୍ର ଆପଣଙ୍କ ପାଇଁ ଇଣ୍ଟେନ୍ସ ଓ ଖୁବ୍ ଭଲ କାହାଣୀ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପ୍ରେମରେ ଅଳ୍ପ ପାଗଳ ହେବାକୁ ପଡ଼େ...'ଚାନ୍ଦ୍ ମେରା ଦିଲ୍'ରେ ନଜର ଆସିବେ ଅନନ୍ୟା ଓ ଲକ୍ଷ୍ୟ। ୨୦୨୫ରେ ସିନେମା ଘରଗୁଡ଼ିକରେ ଫିଲ୍ମଟି ରିଲିଜ ହେବ ବୋଲି କରଣ ଲେଖିଛନ୍ତି। ପୋଷ୍ଟର୍‌ରେ ଏହି ଯୋଡ଼ି ଏକ ଆରାମଦାୟକ ସ୍ୱେଟର ପଛରେ ଅଧା ମୁହଁ ଲୁଚେଇବାର ଦେଖିବାକୁ ମିଳୁଛି। ଏକ ଛୋଟ ଘରେ ଲକ୍ଷ୍ୟ, ଅନନ୍ୟାଙ୍କ କାନ୍ଧରେ ମୁଣ୍ଡ ରଖିଥିବାର ନଜର ଆସୁଛନ୍ତି। 'ଚାନ୍ଦ୍ ମେରା ଦିଲ୍'ର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ବିବେକ ସୋନି। ଫିଲ୍ମର ରିଲିଜ ତାରିଖ ବିଷୟରେ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ କିନ୍ତୁ ଫିଲ୍ମଟି ସିନେମା ଘରଗୁଡ଼ିକରେ ଦସ୍ତକ ଦେବ। ଏହା ପୂର୍ବରୁ ଅନନ୍ୟା ପାଣ୍ଡେ 'ସିଟିଆର୍‌ଏଲ୍' ଓ 'କଲ୍ ମି ବେ'ରେ ନଜର ଆସିଥିଲେ। ଲକ୍ଷ୍ୟ ଲାଲ୍‌ୱାନୀଙ୍କ ଶେଷ ଫିଲ୍ମ ଥିଲା 'କିଲ୍'। ଏହା ଏକ ଆକ୍ସନ୍-ଥ୍ରୀଲର୍।

## ଓଡ଼ିଆ ଫିଲ୍ମ
# 'ପ୍ରେମୀ ଆୱାରା'





ଅନନ୍ୟା ଏଣ୍ଟରଟେନ୍‌ମେଣ୍ଟ ଓ ଏଲ୍‌ଟି ପ୍ରଡକ୍ସନ୍ ଅନ୍ତର୍ଗତ ଓ ପାର୍ବତୀ ଆଚାର୍ଯ୍ୟଙ୍କ ପ୍ରଯୋଜନାରେ ନିର୍ମିତ ହେଉଛି ଫିଲ୍ମ 'ପ୍ରେମୀ ଆୱାରା'। ଏହି ଫିଲ୍ମର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଲୁବୁନ୍-ଟୁବୁନ୍। ଏହାର କାହାଣୀ ଲେଖିଛନ୍ତି ଦୁର୍ଗା ଆଚାର୍ଯ୍ୟ। ଫିଲ୍ମର ସଙ୍ଗୀତ ଅଭିଜିତ୍ ମଜୁମଦାର ଦେଇଥିବା ବେଳେ ଏହାର ସଂଳାପ ଲେଖିଛନ୍ତି ସଞ୍ଜୟ ମହାକୁଳ। ଫିଲ୍ମର କାହାଣୀକୁ ଛାଡ଼ିଦେଲେ ଫିଲ୍ମରେ ରହିଛି ପାଞ୍ଚଟି ଶାନ୍‌ଦାର ଗୀତ ଯେଉଁଗୁଡ଼ିକୁ ଗାଇଛନ୍ତି ସ୍ୱୟଂ ପାଢ଼ୀ, ଅନନ୍ୟା ଆଚାର୍ଯ୍ୟ, ତାରିକ୍ ଅଜିଜ୍, ଓମ୍‌କାର ଓ ଅଭିଜିତ୍ ମଜୁମଦାର। ପ୍ରେମ, ରୋମାନ୍ସ, ଡ୍ରାମା ଓ ଟ୍ରାଜେଡି ଉପରେ ଆଧାରିତ ଫିଲ୍ମର କାହାଣୀ ଦର୍ଶକମାନଙ୍କ ହୃଦୟକୁ ଜିତିପାରିବ ବୋଲି ନିର୍ମାତାମାନେ ଆଶା ରଖିଛନ୍ତି। ଏହି ଫିଲ୍ମରେ ଓମ୍‌କାର, ଅଙ୍କିତା ଦାଶ, ଧୀର ମଲ୍ଲିକ, ପ୍ରଭାତୀ ସାହୁ, ରିସ୍ମା, କାଳିଆ, ସରୋଜ ଦାସ, ତାନିଆ ଭାଇ, ଅପର୍ଣ୍ଣା, ବାବୁ ପ୍ରଧାନ, ଚୁନୁ, ନାରାୟଣ, ସୋନା, କୁମୁଦିନୀ, ଅକ୍ଷୟ ସାହୁ, ନୁପୁର, ରବି ମିଶ୍ର, ବିଜୟ, ସିଲା, ଧୋନିଙ୍କ ପରି କଳାକାରମାନେ ଅଭିନୟ କରିଛନ୍ତି। ଫିଲ୍ମରେ ଓମ୍‌କାର ଓ ଅଙ୍କିତାଙ୍କ କେମିଷ୍ଟ୍ରି ଦେଖିବାକୁ ପାଇବେ ଦର୍ଶକମାନେ।

# ବଢ଼ାନ୍ତୁ ଆତ୍ମବିଶ୍ୱାସ



ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ଦରକାର। ପିଲାମାନଙ୍କୁ ଆମେ ଅନେକ ସମୟରେ ବିଭିନ୍ନ ପ୍ରକାର ଭୟ ଦେଖାଇଥାଉ। ସେ ଚାହୁଁଥିବା କାମ କରି ପାରିବ କି ନାହିଁ, ସେ ନେଇ ବଡ଼ ପ୍ରଶ୍ନ କରୁ। ପିଲାର ଦକ୍ଷତା ଉପରେ ଭରସା ଥାଇ ଅନେକ ସମୟରେ ବାପାମାଆମାନେ ପିଲାଙ୍କୁ ପଛରୁ ଟାଣି ଥାଆନ୍ତି। କାଳେ କୌଣସି ଅସୁବିଧା ହେବ, ସେଥିପାଇଁ କେବଳ ଅନୁଶାସନ କି ଶୃଙ୍ଖଳା ମଧ୍ୟରେ ଚାଲିବାକୁ କହିଥାଉ। ପିଲାଟି ପାଠ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ ବି ଅନେକ ଅଭିଭାବକ ବାରଣ କରିଥାନ୍ତି। ପାଠ ହେଉ ଅବା ଖେଳକୁଦ, ପିଲାଙ୍କୁ ଆଗକୁ ଛାଡ଼ିବା ଉଚିତ। ସମ୍ଭବ କି ଅସମ୍ଭବକୁ ଆଖି ଆଗରେ ରଖି ଯଦି ପିଲାଟି ଚାହୁଁଥିବା କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା, ତା'ହେଲେ ଅନ୍ୟାନ୍ୟ ସମୟରେ ସେ ଅନ୍ୟ କୌଣସି କାମ କରିବାକୁ ଆଗ୍ରହ ଦେଖାଇବ ନାହିଁ। ପିଲାଟି ଆଗକୁ ଯିବାକୁ ହେଲେ, ତା ମନ ଭିତରେ ମନୋବଳ ଦୃଢ଼ କରାନ୍ତୁ। ସେ ଯଦି ଥରେ ନିଜ ଆତ୍ମବିଶ୍ୱାସକୁ ଦୃଢ଼ କରିବ, କେବେହେଲେ କୌଣସି କାମରେ ହାର ମାନିବ ନାହିଁ। ଆଜିକାଲି ପିଲାମାନଙ୍କୁ ଏକ ସୀମିତ ସରହଦ ଭିତରେ ଛାଡ଼ିଦେଇଥିବାରୁ ସେମାନେ କୌଣସି କାମ କରିବାକୁ ସାହସ ସଞ୍ଚୟ କରିପାରୁ ନାହାନ୍ତି। ଏଣୁ ସେମାନଙ୍କ ମଧ୍ୟରେ କେବଳ ଆତ୍ମବିଶ୍ୱାସ ବୃଦ୍ଧି ନୁହେଁ ବରଂ ପାଠ ସହିତ ବିଭିନ୍ନ କାର୍ଯ୍ୟ କରିବାର ସୁଯୋଗ ଦେବା ଦରକାର।





# ବାରମ୍ବାର ଚେଷ୍ଟା କରନ୍ତୁ-



ସଫଳତା ଓ ବିଫଳତା ସମସ୍ତଙ୍କ ଜୀବନରେ ଲାଗି ରହିଥାଏ। କେହି ଅତି ସହଜରେ ସଫଳତା ପାଇଥାନ୍ତି ତ କେହି ସଫଳତା ପାଇବା ପାଇଁ ସଂଘର୍ଷ ଜାରି ରଖିଥାନ୍ତି। ଅନେକ ବିଫଳ ହେଲେ, ଭାଙ୍ଗି ପଡ଼ିଥାନ୍ତି। ଭାବି ନେଇଥାନ୍ତି, ଏ ବିଫଳତା ହିଁ ଜୀବନର ସବୁକିଛି ଛଡ଼େଇ ନେଇଛି। ବାସ୍ତବରେ ଦେଖିବାକୁ ଗଲେ, ଥରେ କି ଦୁଇଥର ନୁହେଁ ବାରମ୍ବାର ଚେଷ୍ଟା କରିବା ଦରକାର, ଯେ ପର୍ଯ୍ୟନ୍ତ ଯାଏ ସଫଳତା ନ ଆସିଛି। ସଫଳତା କାହାକୁ ଥରୁଟିଏ ଚେଷ୍ଟାରେ ମିଳିଯାଏ ତ କାହାକୁ ବାରମ୍ବାର ଚେଷ୍ଟା କରିବାକୁ ପଡୁଥାଏ। ଏଣୁ ସଫଳତା ଆଶା ରଖୁଥିବା ଲୋକ କେବେ ଥରେ ଚେଷ୍ଟା କରି ବସିପଡ଼ିବା ଉଚିତ ନୁହେଁ। ଯେତେଥର ଜଣେ ବିଫଳ ହେଉଥିବ, ସେତେଥର ହିଁ ସେ ନୂଆ ପ୍ରକାର ଅଭିଜ୍ଞତା ହାସଲ କରୁଥିବ। ଫଳରେ ଏହି ଅଭିଜ୍ଞତା ଜୀବନରେ ବଡ଼ ନିର୍ଣ୍ଣାୟକ ଭୂମିକା ନେବ। ବିଫଳତାରୁ ମଣିଷକୁ ଅନେକ କିଛି କଥା ଶିଖିବାକୁ ମିଳିଥାଏ। ଏହା ଯେ ଆମକୁ କ୍ଷତିରେ ପକାଇଛି ନୁହେଁ ବରଂ ଅନେକ କିଛି ଶିଖିବାର ସୁଯୋଗ ସୃଷ୍ଟି କରିଛି। ଏଣୁ ଆମକୁ ମନଧ୍ୟାନ ସହକାରେ ନିଷ୍ଠାପର ଭାବରେ ଥରକୁଥର ଲାଗିବାକୁ ପଡ଼ିବ। ନିଜ ମନୋବଳ ଦୃଢ଼ କରି ନିଜର ଲକ୍ଷ୍ୟପଥରେ ଯାତ୍ରା କରିବାକୁ ପଡ଼ିବ। ସଫଳତାକୁ ଜୀବନର ଲକ୍ଷ୍ୟ ବୋଲି ଭାବି ବାଟ ଚାଲିବାକୁ ପଡ଼ିବ। ଫଳରେ ସଫଳତା ପଛରେ ଆମେ ନୁହେଁ ବରଂ କର୍ମକଲେ ଆମ ପଛରେ ସଫଳତା ହିଁ ଆସିବ।





# ବିଦ୍ୟାର୍ଥୀଙ୍କ ପାଇଁ ବରଦାନ
# ପି.ଏମ୍. ବିଦ୍ୟାଲକ୍ଷ୍ମୀ

ବାଦଲ ଭୂୟାଁ








**ପ୍ରଧାନମନ୍ତ୍ରୀଙ୍କ ପୂର୍ବ ଭାରତ ଯୋଜନା କାର୍ଯ୍ୟକ୍ରମରେ ଓଡ଼ିଶା ସ୍ଥାନ ପାଇଥିବାରୁ ଓଡ଼ିଶାର ଶିକ୍ଷାକ୍ଷେତ୍ର ଏବେ ଅନେକ ଅଗ୍ରଗତି କରୁଛି। ଅର୍ଥ ପାଇଁ କୌଣସି ମେଧାବୀ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ଯେପରି ବଞ୍ଚିତ ନହେବେ ସେମାନଙ୍କ ପାଇଁ ସର୍ବୋପରି ଅସହାୟ ଓ ଗରିବ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ନିମିତ୍ତ ଉଚ୍ଚ ଶିକ୍ଷା ଦିଗରେ ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନା ପ୍ରୋତ୍ସାହନ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ୩୬ଶହ କୋଟି ଟଙ୍କା ବ୍ୟୟର ଏହି ଯୋଜନାକୁ ମଞ୍ଜୁରୀ ଦେଇଛି ଯାହାକି ଉଚ୍ଚଶିକ୍ଷାର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଯୋଜନାରେ ଉଭୟ ସରକାରୀ ଓ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନର ମେଧାବୀ ଛାତ୍ରଛାତ୍ରୀମାନେ ଆର୍ଥିକ ସୁଫଳ ପାଇବେ। ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ସୁପାରିଶ କରାଯାଇଥିଲା।**

ଉଚ୍ଚଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଅର୍ଥ ବାଧକ ହୋଇଥିବାରୁ ଏହି ଯୋଜନା ଅନୁଯାୟୀ ଯେ କୌଣସି ଛାତ୍ରଛାତ୍ରୀ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ସମ୍ପୂର୍ଣ୍ଣ ପରିମାଣର ପାଠ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ସହ ଟ୍ୟୁସନ ଫି ସବୁକିଛି ଉପଲବ୍ଧ ହେବ। ଦେଶର ୮୬୦ଟି ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏହାର ସୁଫଳ ପାଇବେ। ସବୁଠାରୁ ବଡ଼ କଥା ହେଉଛି ଏନ୍‌ଆଇଆରଏଫ୍ ମାନ୍ୟତାରେ ବର୍ଗ ଆଧାରିତ ଓ ଡୋମେନ ଆଧାରିତ ର୍‌ୟାଙ୍କିଂ ସହିତ ଶୀର୍ଷ ୧୦୦ ଶିକ୍ଷାନୁଷ୍ଠାନରେ ସ୍ଥାନିତ ଶିକ୍ଷାନୁଷ୍ଠାନ, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାନୁଷ୍ଠାନ ମାନ୍ୟତାରେ ୧୦୧ରୁ ୨୦୦ ମଧ୍ୟରେ ସ୍ଥାନ ପାଇଥିବା ଅନୁଷ୍ଠାନ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ଯୋଜନା ଲାଗୁ ହେବ। ଏହାସହ ୭.୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପାଇଁ ବକେୟା ଖିଲାପି ଉପରେ ଛାତ୍ରଛାତ୍ରୀ ୭୫% ଋଣ ଗ୍ୟାରେଣ୍ଟି ପାଇପାରିବେ ଯାହାଦ୍ୱାରା ଏହି ଯୋଜନା ଅଧୀନରେ ଆସୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଋଣ ପାଇଁ ବ୍ୟାଙ୍କ ଗୁଡ଼ିକ ସହଯୋଗ ଦେବେ। ଯୋଜନା ଲାଗୁ ହେବାପରେ ଉଚ୍ଚଶିକ୍ଷା ବିଭାଗର ଏକ ସମନ୍ୱିତ ପୋର୍ଟାଲ ପି.ଏମ. ବିଦ୍ୟାଲକ୍ଷ୍ମୀ ରହିବ। ଯେଉଁଥିରେ ଛାତ୍ରଛାତ୍ରୀମାନେ ସମସ୍ତ ବ୍ୟାଙ୍କ ଦ୍ୱାରା ବ୍ୟବହୃତ ହେବାକୁ ଥିବା ସରଳୀକୃତ ଆବେଦନ ପ୍ରକ୍ରିୟା ମାଧ୍ୟମରେ ଶିକ୍ଷାଋଣ ଓ ସୁଧ ଛାଡ଼ ପାଇଁ ଆବେଦନ କରିପାରିବେ। ଇ-ଭାଉଚର ଓ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି ୱାଲେଟ ଜରିଆରେ ସୁଧ ରିହାତି ମିଳିବ। ଭାରତର ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ବିଶେଷକରି ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ଯୋଜନା



ରଖିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କହିବା ଅନୁଯାୟୀ ଭାରତର ପ୍ରତିଭାବାନ ଯୁବକ ଯୁବତୀଙ୍କୁ ସାର୍ବଜନୀନ ଉଚ୍ଚଶିକ୍ଷା ଉପଲବ୍ଧି କରାଇବା ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି। ପି.ଏମ୍. ବିଦ୍ୟାଲକ୍ଷ୍ମୀ ମଞ୍ଜୁର ହେବା ପରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଆଉ ରହିବ ନାହିଁ। ଏହି ଯୋଜନା ଅନ୍ତର୍ଭୁକ୍ତ ବିଦ୍ୟାର୍ଥୀମାନେ ବିନା ବନ୍ଧକରେ ଏବଂ ଗ୍ୟାରେଣ୍ଟରର ମାଗଣା ଶିକ୍ଷା ଋଣ ପାଇପାରିବେ। ସରକାରଙ୍କ ଭିଜନ ଅନୁଯାୟୀ ସ୍ୱଚ୍ଛ, ପାରଦର୍ଶୀ ବିଦ୍ୟାର୍ଥୀ ସହଯୋଗୀ ଓ ଡିଜିଟାଲ ଆପ୍ଲିକେସନରେ ସମସ୍ତ ବ୍ୟାଙ୍କ ଦ୍ୱାରା ଶିକ୍ଷାଋଣ ପ୍ରଦାନ କରାଯିବ। ପି.ଏମ.ବିଦ୍ୟାଲକ୍ଷ୍ମୀ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିପାରିବ।

ଓଡ଼ିଶାରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଋଣ ଏବଂ ଅର୍ଥ ସହ ଶିକ୍ଷାଗତ ପ୍ରୋତ୍ସାହନ ସେମାନଙ୍କ ଆଗକୁ ଯିବା ପାଇଁ ବଡ଼ ପ୍ରତିବନ୍ଧକ ହୋଇଥାଏ। ସରକାରୀ ଅନୁଷ୍ଠାନ ବ୍ୟତୀତ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ଏହି ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବରଦାନ। ଏହା ମେଧାବୀ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାକୁ ଆଗେଇ ନେବା ସହ ଓଡ଼ିଶାର ଶିକ୍ଷା ମାନଚିତ୍ରରେ ଆଗାମୀ ଦିନରେ ମେଧାବୀ ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ୱର୍ଣ୍ଣିମ କ୍ୟାରିୟର ବିଶ୍ୱ ଦରବାରରେ ପ୍ରତିପାଦିତ କରିପାରିବେ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',**
**୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

**ବର୍ତ୍ତମାନ ସମୟକୁ ଦେଖିଲେ ବିବାହ, ବ୍ରତ ହେଉ ବା କୌଣସି ପର୍ବପର୍ବାଣୀ, ସାମାଜିକ କାର୍ଯ୍ୟକ୍ରମ ହେଉ ବା ଭୋଜିଭାତ ସବୁଠି ଏହି ଅତି ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ ମ୍ୟୁଜିକ ସିଷ୍ଟମ ପ୍ରାୟତଃ ଆଗୁଆ ଲୋଡ଼ା ପଡୁଛି। ତେବେ ଅନେକ ହୁଏତ ଜାଣି ନଥାନ୍ତି ଏହି ଅତ୍ୟାଧୁନିକ ଉଚ୍ଚ ଶବ୍ଦର ଡିଜେ ସିଷ୍ଟମରୁ ସୃଷ୍ଟି ହେଉଥିବା ଭୟଙ୍କର ଶବ୍ଦ ମଣିଷ ମାନଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ଓ ଘାତକ ସାବ୍ୟସ୍ତ ହେଉଛି। କିଛି ଦିନ ତଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ବର୍ତ୍ତମାନର ଶବ୍ଦ ପ୍ରଦୂଷଣର କାରଣ ନିମିତ୍ତ ୨୦୩୦ ମସିହା ବେଳକୁ ୧୨ରୁ ୩୫ ବର୍ଷ ବୟସର ଏକ ବିଲିୟନରୁ ଅଧିକ ଲୋକ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି। ଏହି ରିପୋର୍ଟ ମଧ୍ୟ ଦର୍ଶାଇଛି ଯେ ୨୦୩୦ ଶେଷ ବେଳକୁ ୨୩ରୁ ୨୫ ମିଲିଅନ ଲୋକ କାଲ ହୋଇଯିବେ।**

ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର



# ଡିଜେ ବଢ଼ାଉଛି ହୃଦଘାତ

ବିଶ୍ୱ ଶ୍ରବଣ ସ୍ୱାସ୍ଥ୍ୟ ଫାଉଣ୍ଡେସନର ତଥ୍ୟ ଅନୁଯାୟୀ ୭୦ ଡେସିବେଲରୁ ଅଧିକ ହୋଇଥିବା ଧ୍ୱନୀ ତରଙ୍ଗ ମଣିଷ ପାଇଁ ଘାତକ ଅଟେ। ତେଣୁ ସବୁବେଳେ ୭୦ ଡେସିବଲରୁ କମ ଶବ୍ଦ ମଣିଷର କାନ ଓ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହୃତପିଣ୍ଡ ପାଇଁ ନିରାପଦ। ଶବ୍ଦର ଧ୍ୱନୀ ତରଙ୍ଗର ସଂସ୍ପର୍ଶରେ ବାରମ୍ବାର ୭୦ ଡେସିବଲରୁ ଅଧିକ ଉଚ୍ଚ ସଂଗୀତର ଗର୍ଜନ ଅତ୍ୟନ୍ତ ବିପଦଜନକ ତେବେ ଉଦବେଗଜନକ ଓ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ଡିଜେ ଶବ୍ଦ ସହ ମୋବାଇଲ ଫୋନରେ ବ୍ୟବହାର ହେଉଥିବା ଇୟର ଫୋନ ଓ ଇୟର ବର୍ଡ଼ ମଧ୍ୟ ପରୋକ୍ଷ ଭାବେ ହୃତପିଣ୍ଡ ପାଇଁ ଅତ୍ୟନ୍ତ ଘାତକ ପରିବେଶ ସୃଷ୍ଟି କରୁଛି। ଶରୀର ସଂରଚନା ଅନୁଯାୟୀ କାନ ଓ ହୃତପିଣ୍ଡ ଭିତରେ ସିଧା ସଳଖ ସଂଯୋଗ ରହିଛି। କାନ ଗ୍ରହଣ କରିପାରୁନଥିବା ଅର୍ଥାତ୍ ସହି ପାରୁନଥିବା ଏହି ଉଚ୍ଚ ଶବ୍ଦ ସ୍ନାୟୁ ମାଧ୍ୟମରେ ହୃତପିଣ୍ଡରେ ପହଞ୍ଚିଯାଏ। ଯାହାଦ୍ୱାରା ଯେତେବେଳେ ଡିଜେ ପ୍ରଭୃତିର ଉଚ୍ଚ ଧ୍ୱନୀ କାନରେ ବାଜେ ସେତେବେଳେ କାନ ଏହାକୁ ଧରି ରଖିବାକୁ ଏକ ପ୍ରକାର ଅକ୍ଷମ ହୋଇଥାଏ। ଯାହାଦ୍ୱାରା ସ୍ନାୟବିକ ପ୍ରକ୍ରିୟାରେ ତାହା ହୃତପିଣ୍ଡରେ ପହଞ୍ଚେ ଓ ଏପରି ପରିସ୍ଥିତିରେ ହଠାତ୍ ହୃଦସ୍ପନ୍ଦନ ବଢ଼ିଯାଏ। ଏହି ପରିସ୍ଥିତିରେ କାନ ଶିରାରେ ଥିବା ରକ୍ତ ମୋଟା ହେବାକୁ ଲାଗେ ଯଦି ଏହା ଦୀର୍ଘ ସମୟ ଧରି ରହେ ତେବେ ହୃଦଘାତର କାରଣ ହୁଏ। ବର୍ତ୍ତମାନ ସମୟକୁ ଦେଖିଲେ ଜଳବାୟୁ ଓ ପାଣିପାଗର ଅସନ୍ତୁଳନ ମଧ୍ୟ ସ୍ୱାସ୍ଥ୍ୟ ଉପରେ ପଡୁଛି।



ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୃତପିଣ୍ଡ ମଧ୍ୟ ଏହାର ପରୋକ୍ଷ ଶିକାର ହେଉଛି। ଘଣ୍ଟା ଘଣ୍ଟା ଧରି କାନରେ ମୋବାଇଲର ବ୍ୟବହାର, ଟିଭି ବା ଘରେ ଲଗାଯାଉଥିବା ମ୍ୟୁଜିକର ଉଚ୍ଚ ସଂଗୀତ ମଧ୍ୟ ହୃତପିଣ୍ଡ ପାଇଁ ବିପଦ। ଡିଜେ ମ୍ୟୁଜିକ ସିଷ୍ଟମ ବର୍ତ୍ତମାନ ସମୟରେ ଏପରି ଭୟାନକ ସଂଗୀତ ସୃଷ୍ଟି କରୁଛି ଏହା ମଧ୍ୟ ପୂର୍ବରୁ ହୃଦରୋଗ ଥିବା କୌଣସି ସାମାନ୍ୟତମ ହୃଦ ସମସ୍ୟା ଥିବା ଲୋକମାନଙ୍କ ପାଇଁ ଅତ୍ୟନ୍ତ ବିପଦଜନକ। ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ଲୋକ ଓ ଦୀର୍ଘ ଦିନ ଧରି କୌଣସି ଗୁରୁତର ରୋଗର ଶିକାର ହୋଇଥିବା ପୀଡ଼ିତ ମାନଙ୍କ ପାଇଁ ଏହା ତତ୍କାଳ ବିପଦକୁ ନିମନ୍ତ୍ରଣ କରିଥାଏ। ତେଣୁ ଡିଜେ ମ୍ୟୁଜିକ ସିଷ୍ଟମ ବାଜୁଥିବା ସ୍ଥାନ ଠାରୁ ଯେ କୌଣସି ପରିସ୍ଥିତିରେ ଦୂରେଇ ରହିବା ଭଲ। ଆପଣ କୌଣସି ପରିସ୍ଥିତିରେ ଯଦି କିଛି ସମୟ ପାଇଁ ଏହି ଡିଜେ ସଂଗୀତ ଶୁଣିଛନ୍ତି ତେବେ ତୁରନ୍ତ ଏକ ନିକାଞ୍ଚନ ସ୍ଥାନକୁ ଯାଇ କିଛି ସମୟ ମୁକ୍ତ ପବନରେ ନିଜକୁ ଅତିବାହିତ କରନ୍ତୁ। ଯୋଗ ପ୍ରାଣାୟମ ଆପଣଙ୍କ ହୃତପିଣ୍ଡ ପାଇଁ ଅତି ଭଲ। ସୁଷମ ଖାଦ୍ୟ, ସବୁଜ ପନିପରିବା, ନିରାମିଶ ଖାଦ୍ୟ ଓ ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହି ଆପଣ ନିଜ ଶରୀରର ମୂଲ୍ୟବାନ ହୃତପିଣ୍ଡର ସୁରକ୍ଷା କରନ୍ତୁ। କାରଣ ହୃତପିଣ୍ଡର ପ୍ରତିଟି ସ୍ପନ୍ଦନ ଆପଣଙ୍କର ଜୀବନ ସ୍ପନ୍ଦନ ବୋଲି ଆଦୌ ଭୁଲି ଯାଆନ୍ତୁ ନାହିଁ।

**ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୨୭୭୮୬୪**







ମହକ

### କଳା, ସାହିତ୍ୟ ଅନନ୍ୟ ରୂପକାର :

# ଅଭିନେତା ପୀୟୂଷ ରଞ୍ଜନ ପରିଡା



ମଣିଷ ନିଜର ମହତ୍ କର୍ମ ଆଉ ବିଚାରଧାରା ନେଇ ମହାନ୍ ହୋଇଉଠେ । ଉତ୍କୃଷ୍ଟ କଳାର ଦେଶ ଆମ ଉତ୍କଳ, ଏଠି ସାଧକ ନିଜର ଅସାଧାରଣ ସାଧନା ବଳରେ ହୋଇଉଠେ ମହାନ୍ ଓ ଲାଭ କରେ ପ୍ରତିଷ୍ଠା । କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ମନ ବ୍ୟାକୁଳ ହୋଇଉଠେ । ସାହିତ୍ୟ ସମାଜର ହିତ ସାଧନ ସହ ସଭ୍ୟତାର ବିକାଶ, ସମାଜ ସଂସ୍କାର, ପରମ୍ପରାର ପୁନରୁଦ୍ଧାର ସହ ବୌଦ୍ଧିକ ଓ ମାନସିକ ବିକାଶ ଧାରାରେ ଶତ ପ୍ରତିଶତ ସହାୟ ହୋଇଥାଏ, ତେଣୁ କଳା ସାହିତ୍ୟର ପ୍ରଚାର ପ୍ରସାର ଉନ୍ନତି ଏହି ତତ୍ପରତା ପାଇଁ ହୁଏ । ସେହିଭଳି ଏହି ଦିଗରେ ସାଧନାରତ ଜଣେ ଉଦାହରଣୀୟ ପ୍ରେରଣାଦୟୀ ବ୍ୟକ୍ତିତ୍ୱ ହେଉଛନ୍ତି ନାଟ୍ୟକାର, ସାହିତ୍ୟିକ ତଥା ସମାଜସେବୀ ଶ୍ରୀଯୁକ୍ତ ପୀୟୂଷ ରଞ୍ଜନ ପରିଡା । ପିତା ସ୍ୱର୍ଗତଃ ବିଳାଶ ଚନ୍ଦ୍ର ପରିଡା, ମାତା କାଞ୍ଚନବାଳା ପରିଡ଼ାଙ୍କ କୋଳମଣ୍ଡନ କରି କଟକ ଜିଲ୍ଲା ସଦର ବ୍ଲକ ବିରିବାଟି ପୋଷ୍ଟ କନ୍ଦରପୁର ପଞ୍ଚାୟତ ଉପକଣ୍ଠ ବମ୍ଭୁରୀ ଗ୍ରାମରେ ୧୯୬୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଅଧୁନା ଅନୁଶାସନ ସଚିବ, ଶ୍ରମ ଓ ରାଜ୍ୟ ବୀମା ବିଭାଗ, ଓଡିଶାରେ କାର୍ଯ୍ୟରତ ଓ ଭୁବନେଶ୍ୱରରେ ଅବସ୍ଥାପିତ । ନିଜ ଗ୍ରାମ ସ୍କୁଲ ଦଧୀବାମନଜୀଉ ବିଦ୍ୟାପୀଠ, ବମ୍ଭୁରୀରୁ ଶିକ୍ଷା ଆରମ୍ଭ କରି ଗୋପାଳ ସ୍ମୃତି ବିଦ୍ୟାପୀଠରୁ ମାଟ୍ରିକ ଓ ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକରୁ ଯୁକ୍ତ ଦୁଇ ଓ ସ୍ନାତକ ବିଜ୍ଞାନ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ବିଏଡ୍ ଭଳି ଉଚ୍ଚଶିକ୍ଷା ଲାଭ କରିଛନ୍ତି । ଶିକ୍ଷକତାରୁ ଚାକିରୀ ଜୀବନର ଅୟମାରମ୍ଭ ଆଉ ପ୍ରବୃତ୍ତିରେ ନିଜ ଗାଁରେ ହୋଇଆସୁଥିବା ଶ୍ରୀରାମ ଲୀଳାରୁ ଅଭିନୟ ଜୀବନ ଆରମ୍ଭ । ତା'ପରେ ଗାଁ ତଥା ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ଓ ଜୟଦେବ ଭବନ ଆଦି ଅନେକ ମଞ୍ଚରେ



୫୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛନ୍ତି । ଏତଦ୍ ଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରେ ଯଥା ନୂଆଦିଲ୍ଲୀ, ଚେନ୍ନାଇ ଓ ମୁମ୍ବାଇରେ ପ୍ରଦର୍ଶିତ ବହୁ ନାଟକରେ ଅଭିନୟ କରି ଖୁବ୍ ଲୋକପ୍ରିୟତା ଅର୍ଜନ ସହ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ସାହିତ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ଲେଖନୀ ଚାଳନା କରି ଲେଖକୀୟ ସମ୍ପୃକ୍ତି ସ୍ୱରୂପ ଶିଶୁ କବିତା ସଂକଳନ ଓଡିଆ ପାଇକ ଗାଥା, ନାଟକ ମମିସ୍ ବାର୍ଥ ଡ଼େ, ଘରଭଡା, ଗନ୍ଧ୍ମା ପୁନେଇରେ ମାଇଁ, ବୁଢୀ ମରିନି, ଶେଷ ସନ୍ତକ, ଗଳ୍ପ ସଂକଳନ ପଡୋଶୀ, କବିତା ସଂକଳନ ବିବିଧ ବର୍ଣ୍ଣା ଆଦି ପ୍ରକାଶିତ ହୋଇ ସମୟକ୍ରମେ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି । ତାଙ୍କ ସମ୍ପାଦନାରେ ପ୍ରଣମ୍ୟ ପ୍ରହରାଜ ପତ୍ରିକା ପ୍ରକାଶ ଲାଭ କରିଛି । ଅନୁଷ୍ଠାନ ସମ୍ପୃକ୍ତିରେ ପ୍ରହରାଜ ପ୍ରତିଭା ପୂଜା ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଓ ଆରୋହଣ ନାଟ୍ୟ ଅନୁଷ୍ଠାନର ସଂଗଠନ ସମ୍ପାଦକ ଭାବେ କାର୍ଯ୍ୟରତ ଜଣେ ସଫଳ ସଂପାଦକ । ସେବାକୁ ପ୍ରାଧାନ୍ୟ ଦେଉଥିବା ଏହି ବ୍ୟକ୍ତିତ୍ୱ ଜଣକ ନିଜ ଅଞ୍ଚଳରେ ପରିବେଶ ସୁରକ୍ଷା, କରୋନା ମହାମାରୀ ସମୟରେ ସେବା କାର୍ଯ୍ୟ, ପୂଜ୍ୟପୂଜାକୁ ଉପଯୁକ୍ତ ସମ୍ମାନ ଆଦି କାର୍ଯ୍ୟରେ ସମୟ ଦିଅନ୍ତି । ତାଙ୍କ ସାହିତ୍ୟ ସାଧନାର ସ୍ୱୀକୃତି ସ୍ୱରୂପ ଆଷାଢ଼ ସାହିତ୍ୟ ସଂସଦ, ଜଗତସିଂହପୁର ଓ କାଠଯୋଡ଼ି ସାହିତ୍ୟ ସଂସଦ, କଟକ ତରଫରୁ ସମ୍ମାନୀତ ହୋଇଥିବା ବେଳେ ସମାଜସେବା ପାଇଁ ସରସ୍ୱତୀ କଳା ପରିଷଦ, କନ୍ଦରପୁର ଦ୍ୱାରା ସମ୍ମାନିତ ହୋଇଛନ୍ତି ଏବଂ ଅଭିନୟ ପାଇଁ ବହୁ ଅନୁଷ୍ଠାନ ତଥା ନବରତ୍ନ କମ୍ପାନୀ ନାଲକୋ ପକ୍ଷରୁ ସମ୍ବର୍ଦ୍ଧିତ । ଏହି ଅନନ୍ୟ ପ୍ରତିଭାଧର କଳାକାର ବରେଣ୍ୟ ସାରସ୍ୱତ ସାଧକଙ୍କ ସ୍ୱପ୍ନର ବିକଶିତ ଓଡ଼ିଶା ଦିନେ ବାସ୍ତବ ସଫଳ ରୂପାୟନ ନେଉ ଏବଂ ତାଙ୍କ ନାଟ୍ୟ କଳାକୃତି ଓ ସାହିତ୍ୟ କୃତି ବିକାଶ ତମ ହେଉ ଏତିକି ଆମେ ଆଶାବାଦୀ ।




# ଜାଗ୍ରତ ରାଷ୍ଟ୍ର ଗଠନରେ ଆଇନ

**ସୌର ଚନ୍ଦ୍ର ମହାପାତ୍ର**

ଗଣତନ୍ତ୍ରର ଅନ୍ୟତମ ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଉପରେ ଦିନକୁ ଦିନ ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଉଥିବାବେଳେ ଆଇନ ସଚେତନତା ଦିବସ ଦ୍ୱାରା ସାଧାରଣରେ ଆଇନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାତବ୍ୟ ତଥ୍ୟ ଜାଣିବା ସହ ନିଜ ପାଇଁ ଆଇନ ପ୍ରାସଙ୍ଗିକ ବିଷୟକୁ ନେଇ ସଚେତନତା ହେବାର ଦିନଟିଏ ହେଉଛି ଜାତୀୟ ଆଇନ ସଚେତନତା ଦିବସ । ବର୍ଷ ବର୍ଷ ଧରି ଭାରତୀୟ ପିଙ୍ଗଳ ସଂହିତାରେ ସୂଚୀତ ହୋଇଥିବା ବିଭିନ୍ନ ଆଇନର ବ୍ୟବସ୍ଥା ସାମ୍ପ୍ରତିକ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ସମସ୍ତଙ୍କ ପାଇଁ ଆଇନ କାନୁନ୍ ଜାଣିବା ହେଉଛି ଜଣେ ଯଥାର୍ଥ ନାଗରିକର ଦାୟିତ୍ୱ । ସଂପ୍ରତି ଦେଖାଦେଉଛି ସରକାରୀ କଳ ଠାରୁ ଜାତୀୟ ଓ ରାଜ୍ୟ ତଥା ସାମ୍ପ୍ରତିକ ସମସ୍ୟାଭିତ୍ତିକ ପ୍ରସଙ୍ଗରେ ନ୍ୟାୟ ପାଳିକା ହସ୍ତକ୍ଷେପ କରି ସଂପୃକ୍ତ ପକ୍ଷକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି । କହିବାକୁଗଲେ ଭାରତୀୟ ନ୍ୟାୟପାଳିକା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ପ୍ରଶଂସନୀୟ ହେଉଛି । ଭାତ ହାଣ୍ଡିରୁ ଗୋଟିଏ ପରି କଟକ ସହରର ପିଇବା ପାଣି ବ୍ୟବସ୍ଥା ଠାରୁ ରାସ୍ତାଘାଟ ମରାମତି, ସମସ୍ୟା ବହୁଳ ପ୍ରସଙ୍ଗ ନେଇ ଶିକ୍ଷାୟତନରେ ତାଲା ବନ୍ଦ ଠାରୁ ଖୋଦ୍ ଡାକ୍ତରଖାନା ସମ୍ମୁଖରେ ପଡ଼ି ଛଟ ପଟ ହେଉଥିବା ରୋଗୀଟି ପାଇଁ ମାନ୍ୟବର ନ୍ୟାୟାଳୟ ନିଜ ଆଡୁ ଏ ନେଇ ମାମଲା ରୁଜୁ କରି ବ୍ୟବସ୍ଥାର ସୁଧାର ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି । ଯାହାର ସୁଫଳ ସଂପୃକ୍ତ ରୋଗୀ ବା ଅନୁଷ୍ଠାନ ତତ୍କାଳ ପାଇବାରେ ସମର୍ଥ ହେଉଛନ୍ତି ।




ମୁଖ୍ୟ କଥା ହେଉଛି ଦିନକୁ ଦିନ ନ୍ୟାୟାଳୟରେ ମାମଲାର ବୋଝ ବୃଦ୍ଧି ପାଉଥିବାବେଳେ ସେହି ତୁଳନାରେ ମାନ୍ୟବର ବିଚାରପତି ଓ ଆନୁସଙ୍ଗିକ କର୍ମଚାରୀଙ୍କୁ ନୂତନ ନିଯୁକ୍ତି ଦିଆଯାଉନାହିଁ । ବର୍ଷ ବର୍ଷ ଧରି ମାମଲା ଖତ ଖାଇ ପରିଶେଷରେ ରାୟ ପ୍ରକାଶ ପାଇଲା ବେଳକୁ ଉଭୟ ମୁଦଲା ଓ ମୁଦେଇ ଜୀବନରେ ରହିନଥାନ୍ତି । ତେଣୁ ଯଥାର୍ଥରେ କୁହାଯାଏ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ । ନିତିଦିନିଆ ଜୀବନରେ ଦେଖାଯାଇଥାଏ ଆମ୍ଭେମାନେ ଜାଣି ମଧ୍ୟ ଧର୍ମକୁ ଆଖିଠାର ପରି ନ୍ୟାୟାଳୟକୁ ସମ୍ମାନ ପ୍ରଦର୍ଶନ କରିନଥାଉ । ବ୍ୟକ୍ତିଗତ ଜୀବନରେ ଦେଶର ସମ୍ବିଧାନ ଓ ନ୍ୟାୟର ବିଭିନ୍ନ ଦିଗ ଉପରେ ଜାଣିବା ସମସ୍ତଙ୍କ ପାଇଁ ଜରୁରୀ । ସଂପ୍ରତି ଭାରାକ୍ରାନ୍ତ ମାମଲାକୁ ଲାଘବ ପାଇଁ ମାନ୍ୟବର କୋର୍ଟ ବିଭିନ୍ନ ସମୟରେ ଭ୍ରାମ୍ୟମାଣ କୋର୍ଟ, ଲୋକ ଅଦାଲତ ଓ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ଲୋକମାନଙ୍କ ପାଖରେ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି । ଆଇନକୁ ନେଇ ଜଣେ ଯଦି ସଚେତନ ନହୁଏ ତାହେଲେ ସେ ଲୋକକୁ ନ୍ୟାୟାଳୟ ନ୍ୟାୟ ପ୍ରଦାନ ପାଇଁ ବିଳମ୍ବ ହେବା ସ୍ୱଭାବିକ । ବର୍ତ୍ତମାନ ଦେଖାଯାଉଛି କଥା କଥାକେ ଲୋକେ ଥାନା, କୋର୍ଟ କଚେରୀ ଧାଉଁଛନ୍ତି ଯାହାଦ୍ୱାରା ସେମାନଙ୍କ ମାନସିକ, ଶାରୀରିକ ଓ ଆର୍ଥିକ ସହିତ ବହୁମୂଲ୍ୟ ସମୟ ନଷ୍ଟ ହେଉଛି । ଭାରତ ବାହାରେ ପ୍ରାୟତଃ ସମସ୍ତ ରାଷ୍ଟ୍ରରେ ଲୋକମାନେ ସେହି ଦେଶର ସଂଘୀୟ ବ୍ୟବସ୍ଥା ପ୍ରଚଳିତ ଆଇନକୁ ଯଥେଷ୍ଟ ସମ୍ମାନ ପ୍ରଦାନ କରିଥାନ୍ତି । ଯାହାକି ଭାରତ ବର୍ଷରେ ବିରଳ । ସରକାରଙ୍କ ଜାଗୋ ଗ୍ରାହକ ଜାଗୋ ବ୍ୟବସ୍ଥାରେ ଆଇନର ସଚେତନତା ଦ୍ୱାରା ହିଁ ନାଗରିକ ବା ଗ୍ରାହକମାନେ ଜାଗରିତ ହୋଇପାରୁଛନ୍ତି । ଆଇନ ସଚେତନତା ପାଇଁ ସଂପ୍ରତି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣଶିକ୍ଷା ବିଭାଗରୁ ସ୍ୱତନ୍ତ୍ର ଭାବରେ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ଏବଂ ବିଶେଷକରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଓ ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାର ଜନାଭିମୁଖୀ ପଦକ୍ଷେପ ନେଇ ସେମାନଙ୍କୁ ମାଗଣା ଆଇନ ସେବା ଯୋଗାଇବାର ବ୍ୟବସ୍ଥା ରଖିଛନ୍ତି ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,**
**ସେକ୍ଟର-୬, କଟକ**


## ଏହି ସପ୍ତାହ, ସେହି ବର୍ଷ (ନଭେମ୍ବର ୧୦-୧୬)

### ଏଇ ସପ୍ତାହ

**ନଭେମ୍ବର ୧୦, ୨୦୦୮**-ନାସା ମଙ୍ଗଳ ଗ୍ରହ ପାଇଁ ନିଜର ଫିନିକ୍ସ ମିଶନ ସମାପନର ଘୋଷଣା କରିଥିଲେ ।



**ନଭେମ୍ବର ୧୧, ୧୮୪୭**-ବ୍ରିଟେନ୍‌ର ଚିକିତ୍ସକ ସାର୍ ଜେମ୍ସ ୟଙ୍ଗ ସିମ୍ପସନ୍ ବେହୋସୀର ଔଷଧ ଭାବରେ କ୍ଲୋରୋଫର୍ମର ପ୍ରୟୋଗ କରିଥିଲେ ।




**ନଭେମ୍ବର ୧୨, ୨୦୦୯**-'ଅତୁଲ୍ୟ ଭାରତ' ଅଭିଯାନକୁ ବିଶ୍ୱ ପର୍ଯ୍ୟଟନ ପୁରସ୍କାର-୨୦୦୯ ଦିଆଯାଇଥିଲା ।





**ନଭେମ୍ବର ୧୩, ୧୯୯୮**-ଚୀନ୍‌ର ବିରୋଧ ସତ୍ତ୍ୱେ ଦଲାଇ ଲାମା ଓ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ସାକ୍ଷାତ କରିଥିଲେ ।




**ନଭେମ୍ବର ୧୪, ୧୮୮୯**-ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଜନ୍ମଗ୍ରହଣ କରିଥିଲେ ।



**ନଭେମ୍ବର ୧୫, ୧୯୬୧**-ମିଳିତ ଜାତିସଂଘ ପରମାଣୁ ହତିଆରଗୁଡ଼ିକ ଉପରେ ରୋକ ଲଗାଇଥିଲା ।



**ନଭେମ୍ବର ୧୬, ୨୦୦୨**-ମୁଶରଫ୍ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ପାଇଁ ରାଷ୍ଟ୍ରପତି ପଦର ଶପଥ ନେଇଥିଲେ ।



# ହିଟଲରଙ୍କ
## ଚାଳିଶ ଘଣ୍ଟାର ଦାମ୍ପତ୍ୟ

ଦ୍ୱିତୀୟ ବିଶ୍ୱଯୁଦ୍ଧର ଦୁର୍ଦ୍ଧର୍ଶ ଖଳନାୟକ ଆଡଲଫ ହିଟଲର ମୃତ୍ୟୁର ଦ୍ୱାରଦେଶରେ ଏବଂ ନର୍କଠାରୁ ଆହୁରି ଭୟଙ୍କର ପିରିସ୍ଥିତିରେ ମାତ୍ର ୪୦ ଘଂଟାପାଇଁ ବିବାହ କରିଥିଲେ । ବାହାରେ ଭୟଙ୍କର ଯୁଦ୍ଧ ଚାଲିଥିଲା ବେଳେ ଏହି ବିବାହ ଅନୁଷ୍ଠିତ ହୋଇଥିଲା । ୧୯୪୫ ମସିହା ୨ୟ ବିଶ୍ୱଯୁଦ୍ଧ ସମୟରେ ରୁଷ ସୈନ୍ୟଙ୍କ କବଳରୁ ଖସିଯାଇ ଜାନୁଆରୀ ୧୬ତାରିଖରୁ ବଙ୍କରରେ ଅଳ୍ପ କେତେଜଣ ବିଶ୍ୱାସନୀୟ ସହକର୍ମି ଓ ଜେନେରାଲଙ୍କ ସହ ଲୁଚି ରହି ଯୁଦ୍ଧ ପରିଚାଳନା କରୁଥିଲେ ହିଟଲର । ଏହି ବଙ୍କରର ନାମ ଥିଲା 'ଚାନସେଲରର୍ସ ବଙ୍କର' । ସେ ଦିନ ଥିଲା ଏପ୍ରିଲ ମାସ ୨୮ ତାରିଖ ।ସନ୍ଧ୍ୟା ସମୟରେ ହିଟଲର ହଠାତ୍ ତାଙ୍କର ସହକର୍ମୀ ଗୋଏବ୍ଲସ୍‌ଙ୍କୁ ଡାକି କହିଲେ ,ମୁଁ ଏହି ମୁହୂର୍ତରେ ସେକ୍ରଟୋରୀ ଇଭା ବ୍ରାନଙ୍କୁ ବିବାହ କରିବାକୁ ଚାହୁଁଛି । କାରଣ ତାଙ୍କୁ ତାଙ୍କର ସ୍ୱାମୀଭକ୍ତି ଓ ମୋପ୍ରତି ଥିବା ପ୍ରେମର ପୁରସ୍କାର ଦେବାକୁ ମୋର ଇଛା ।ଏଥିପାଇଁ ସେ ସଂପୂର୍ଣ ହକଦାର ।ଏଥି ପୂର୍ବରୁ ଇଭା ବ୍ରାନଙ୍କ ନିରାପତା ପାଇଁ ହିଟଲର ତାଙ୍କୁ ବାରମ୍ବାର ବାହାରକୁ ଚାଲିଯିବା ପାଇଁ ନିର୍ଦ୍ଦେଶଓଦେଇଥିଲେହେଁ ନିର୍ଦ୍ଦେଶ ନ ମାନି ହିଟଲରଙ୍କ ଶେଷ ଜୀବନର ପ୍ରତିଟି କ୍ଷଣରେ ସେ ତାଙ୍କ ପାଖେ ପାଖେ ରହି ସେବା କରି ଆସୁଥିଲେ ।

ହିଟଲରଙ୍କ ଆଦେଶ ତୁର' ପାଳନ ହେଲା । ଗୋଏବ୍ଲସଙ୍କ ନିର୍ଦ୍ଦେଶରେ ତାଙ୍କର ବିଶ୍ୱସ୍ତ ଓକିଲ ଉଆଲଟର୍ ବେଗନର୍ ବିବାହ ପାଇଁ ଆବଶ୍ୟକ କାଗଜ ପତ୍ର ସମେତ କେତେଗୁଡିଏ ଉଇଲ ପ୍ରସ୍ତୁତ କରି ଦେଲେ । ଏହି ବିବାହ ୨୮ଏପ୍ରିଲ ମଧ୍ୟ ରାତ୍ରିରେ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଇଭା ବ୍ରାନ ଓ ହିଟଲରଙ୍କ ବ୍ୟତିତ ଗୋଏବ୍ଲସ୍ ଓ ତାଙ୍କ ପରିବାରର ଲୋକମାନେ ବିବାହ ସ୍ଥଳରେ ଉପସ୍ଥିତ ଥିଲେ । ହିଟଲରଙ୍କ ଜୀବନର ଏହି ବିଶେଷ କ୍ଷଣର 'ବିବାହ ଉତ୍ସବ' ସଂପାଦନ କରିବା ନିମ' ସେଠାରେ ମାତ୍ର ଗୋଟିଏ ବୋତଲରେ ଅଳ୍ପ କିଛି ସାମ୍ପେନ୍ ରହିଥିଲା । ଉପସ୍ଥିତ ବନ୍ଧୁମାନଙ୍କ ଗ୍ଲାସରେ ସେଥିରୁ ଟିକିଏ ଟିକିଏ କରି ଢାଳି ଦିଆଯିବା ପରେ ସମସ୍ତେ ଚିୟର୍ସ କରିଥିଲେ ।ଏହା ବୋଧହୁଏ ହିଟଲରଙ୍କ ଜୀବନର ଶେଷ ସମାରୋହ ଥିଲା କାରଣା ପରଦିନ ୨୯ ଏପ୍ରିଲରେ ହିଟଲର ନିଜ ସାମ୍ରାଜ୍ୟ ବିସ୍ତାର ସ୍ୱପ୍ନର ଅଂିମ ସମୟ ଆସିବାର ସୂଚନା ପାଇବା ଆରମ୍ଭ ହୋଇ ଯାଇଥିଲା । ତାଙ୍କର ସବୁଠାରୁ ଶକ୍ତିଶାଳୀ ମିତ୍ର 'ବେନିଟୋ ମୁସୋଲିନୀ'ଙ୍କର ଇଟାଲିଆନ ବିଦ୍ରୋହୀ ମାନଙ୍କ ଦ୍ୱାରା ବିଭସ୍ତ ହତ୍ୟାର ସମ୍ବାଦ ପାଇ ସେ ସ୍ତବ୍ଧ ହୋଇଯାଇଥିଲେ । ବ୍ରିଦ୍ରୋହୀ ମାନେ ମୁସୋଲିନୀ ଓ ତାଙ୍କର ପ୍ରେମିକା 'କ୍ଲାରା ପିଟାସୀ' ଙ୍କୁ ହତ୍ୟା କରି ମୃତଦେହକୁ ରାସ୍ତାରେ ଠିଆ କରାଇ ଝୁଲାଇ ଦେଇଥିଲେ ।ଏହାପରେ ସେମାନଙ୍କ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ନଳାରେ ଭସାଇ ଦିଆଯାଉଥିବା ବେଳେ ସେଠାରେ ଠିଆହୋଇ ସେମାନେ ଅଟ୍ଟହାସ୍ୟ କରୁଥିଲେ । ହିଟଲରଙ୍କ ପରାଜିତ ସୈନ୍ୟ ମାନଙ୍କୁ ମଧ୍ୟ ହତ୍ୟାପରେ ଖଣ୍ଡ ଖଣ୍ଡ କରି କାଟି ନଳାରେ ଭସାଇ ଦିଆଯାଇଥିଲା । ଏହି ସମ୍ବାଦ ପ୍ରାପ୍ତିରେ ବିଚଳିତ ହିଟଲର କିଂୁ ଶତ୍ରୁ ହାତରେ ତାଙ୍କର ଓ ସ୍ତ୍ରୀଙ୍କର 'ଏଭଳି ମୃତ୍ୟୁ' ଇଚ୍ଛା କରୁ ନଥିଲେ । ଇତିହାସ ପୃଷ୍ଠାରେ ମୁସୋଲିନୀଙ୍କ ଭଳି ଘୃଣ୍ୟ ମୃତ୍ୟୁ ତାଙ୍କୁ ସ୍ୱୀକାର ନଥିଲା । ସେଥିପାଇଁ ସେ ଏକ ଦୃଢ ନିଷ୍ପତି ନେଇଗଲେ । ତାଙ୍କ ନିର୍ଦ୍ଦେଶରେ ବିଶ୍ୱସ୍ତ ସହକର୍ମି 'ହିମଲର' ଡଃ ଲୁଡ୍‌ଉଇଗ୍ ଷ୍ଟଗେର ଠାରୁ କେତେ ଗୋଟି ପ୍ରୁସିଡ୍ ଏସିଡ୍‌ର କ୍ୟାପସୁଲ ଆଣି ହିଟଲରଙ୍କୁ ଦେଇଥିଲେ । ଆବଶ୍ୟକ ପଡିଲେ ଏହାର ବ୍ୟବହାର କରିବା ହିଟଲରଙ୍କ ଉଦ୍ଦେଶ୍ୟ ଥିଲା । ଏହି ସମୟରେ ସେ ଖବର ପାଇଲେ ଯେ ତାଙ୍କର ସବୁଠାରୁ ବିଶ୍ୱସ୍ତ ସାଥି ହିମଲର୍ ସ୍ୱୀଡେନର ଜଣେ କୂଟନୀତିଜ୍ଞଙ୍କ ଜରୀଆରେ ଶତୃପକ୍ଷ ସହିତ ଯୋଗାଯୋଗ କରି ଯୁଦ୍ଧବନ୍ଦ'ର ପ୍ରସ୍ତାବ ଦେଇଛଂି । ବନ୍ଧୁଙ୍କର ଏଭଳି ବିଶ୍ୱାସଘାତକତାରେ ହିଟଲର ପ୍ରଚଣ୍ଡ ରାଗରେ ଥରି ଉଠିଲେ । ସେ ଭାବିଲେ ହିମଲର ଦେଇଥିବା କ୍ୟାପସୁଲ ଗୁଡାକ ହୁଏତ କାମ କରି ନ ପାରେ । ସେଥିପାଇଁ ସେ ତାଙ୍କର କୁକୁର ବ୍ଲଣ୍ଡିକୁ ଏହା ଦେବାପାଇଁ ନିର୍ଦ୍ଦେଶ ଦେଲେ । କ୍ୟାପସୁଲ ସେବନ କରି ବ୍ଲଣ୍ଡି ସାଙ୍ଗେ ସାଙ୍ଗେ ମରି ଯାଇଥିଲା ।

ଲୁଚିଥିବା ବଙ୍କର ଭିତରେ ହିଟଲର ଓ ଇଭାବ୍ରାନଙ୍କ ଦାମ୍ପତ୍ୟ ଜୀବନ ମାତ୍ର ୪୦ ଘଂଟାର ଥିଲା ।ଏପ୍ରିଲ ୩୦ ତାରିଖ ଦିନ ୧ ଟା ସମୟରେ 'ଫିଲ୍ଡ ମାର୍ଶାଲ ଉଇଥେମ କେଟେଲ' ହିଟଲରଙ୍କୁ ଯୁଦ୍ଧର ସର୍ବଶେଷ ବିବିରଣୀ



ଦେଇ କହିଥିଲେ ଯେ ହିଟଲରଙ୍କ ସବୁଠାରୁ ଶକ୍ତିଶାଳୀ ସୈନ୍ୟବାହିନୀ ଯେଉଁ ମାନଙ୍କ ଉପରେ ବର୍ଲିନକୁ ରକ୍ଷା କରିବାର ଦାୟିତ୍ୱ ଥିଲା ସେମାନଙ୍କୁ ଶତୃମାନେ ଘେରି ଯାଇଛଂି ଓ ଅଳ୍ପ କେତେକ ନିଜ ଆତ୍ମରକ୍ଷା ପାଇଁ ଯୁଦ୍ଧରତ ଅଛଂି ।ଏହାଶୁଣି ମନରେ କିଛି ସ୍ଥିର ନିଶ୍ଚିତ କରି ହିଟଲର ଦିନ ପ୍ରାୟ ୨ଟା୩୦ ସମୟରେ ବଙ୍କର ବାହାରକୁ ଚାଲି ଆସିଲେ ଯେଉଁଠାରେ ପ୍ରାୟ ୨୦ ଜଣ ବର୍ଲିନବାସୀ ନରନାରୀ ତାଙ୍କୁ ବିଦାୟ ଦେବା ପାଇଁ ଅପେକ୍ଷା କରି ରହିଥିଲେ । ସେ ଜଣ ଜଣ କରି ସମସ୍ତଙ୍କ ସହ ହାତ ମିଳାଇଲେ, କଥାହେଲେ ଏବଂ ବିଦାୟ ନେଇ ତାଙ୍କ ବିଶ୍ରାମ ଘର ଭିତରକୁ ଚାଲିଗଲେ । ସେଠାରେ ସେ ଜେନେରାଲ ଉଏଡିଙ୍ଗଙ୍କ ଠାରୁ ଖବର ପାଇଲେ ଯେ ସେନାପତି 'ଗାରିସନ'ଙ୍କ ନିକଟରେ ଥିବା ଗୋଳାବାରୁଦ ଶେଷ ହୋଇଯାଇଛି ଏବଂ ସେହି କାରଣରୁ ବୋଧହୁଏ ଆସ'। ୨୪ ଘଂଟା ଭିତରେ ବର୍ଲିନର ପତନ ହୋଇଯିବ । ସେହି ସମୟରେ ୩ଲକ୍ଷ ୨୫ହଜାର ଜର୍ମାନ ସୈନ୍ୟ ବନ୍ଦୀ /କିମ୍ବା ଆତ୍ମ ସମର୍ପଣ କରିଥିବାର ସମ୍ବାଦ ମଧ୍ୟ ମିଳିଥିଲା । କିଛିଦିନ ପୂର୍ବରୁ ସୋଭିଏଟ ରୁଷ ସୈନ୍ୟ ମାନେ ହିଟଲରଙ୍କ ଜନ୍ମଦିନ ୨୦ ଏପ୍ରିଲରେ ଉପହାର ସ୍ୱରୂପ ବର୍ଲିନ ଉପରେ ବୋମା ମାଡ କରି ତାଙ୍କୁ ଉପହାସ କରିଥିଲେ । ଖବର ମିଳିଲା ସୋଭିଏତ ସୈନ୍ୟ ମାନେ ହିଟଲର ରହିଥିବା ଚାନସେଲର୍ ବଙ୍କରଠାରୁ ମାତ୍ର ୫୦୦ ମିଟର ଦୂରରେ ପହଂଚି ଯାଇଛଂି । ଜେନେରାଲ ଉଏଡିଙ୍ଗ ତାଙ୍କ ସହିତ ଥିବା ସୈନ୍ୟ ମାନଙ୍କର ଜୀବନ ରକ୍ଷାପାଇଁ ସେମାନଙ୍କୁ ଫେରି ଯିବାପାଇଁ ଅନୁମତି ମାଗିଲେ । ସେତେବେଳେ ହିଟଲର କିଛି ଉତର ଦେଲେନାହିଁ । ମାତ୍ର କିଛି ସମୟ ପରେ ସୈନ୍ୟ ମାନଙ୍କୁ ଫେରିଯିବା ପାଇଁ ଅନୁମତି ଦେଇଦେଲେ ।



ସେହିଦିନ ହିଟଲର ,ଇଭା ବ୍ରାଉନ , ତାଙ୍କର ଦୁଇ ସେକ୍ରଟାରୀ ଏବଂ ତାଙ୍କର ବ୍ୟକ୍ତିଗତ ରୋଷେୟା ଏକାଠି ବସି ଭୋଜନ କରିଥିଲେ । ଭୋଜନ ଶେଷ କରି ହିଟଲର ଓ ଇଭା ବ୍ରାଉନ ସମସ୍ତ କର୍ମଚାରୀ , ସେକ୍ରେଟାରୀ ଏବଂ ଉପସ୍ଥିତ ମିଲିଟାରୀ ଅଫିସରଙ୍କ ସହ ହାତ ମିଳେଇ ବ୍ୟକ୍ତିଗତ ବିଶ୍ରାମ କକ୍ଷକୁ ଚାଲିଯାଇଥିଲେ । କିଛି ସମୟ ପରେ ହିଟଲଙ୍କ ବ୍ୟକ୍ତିଗତ ସହାୟକ ସଂଲଗ୍ନ ରୁମରୁ ବାରୁଦଗନ୍ଧ ପାଇ ସମସ୍ତଙ୍କୁ ଖବର ଦେଲେ । କକ୍ଷ ସଂଲଗ୍ନ ରୁମର ଦ୍ୱାର ଭିତର ପଟୁ ବନ୍ଦ ଥିଲା । ସନ୍ଦେହର ଘେର ଭିତରେ ବାହାର ପାଖ ଦ୍ୱାର ଖୋଲି ସମସ୍ତେ ଭିତରେ ପଶି ଦେଖିଲେ, ହିଟଲରଙ୍କ ମୃତଦେହ ସୋଫା ଉପରେ ବସିଥିବା ଅବସ୍ଥାରେ ପଡିଥିବା ବେଳେ ତାଙ୍କର ଡାହାଣ ପାଖ କପାଳରୁ ଧାର ଧାର ହୋଇ ରକ୍ତ ବାହାରୁଥିଲା । ତଳେ ବାମପାର୍ଶ୍ୱରେ ଇଭାବ୍ରାଉନ ବସିଥିଲେ ଏବଂ ତାଙ୍କ ପାଟିରୁ ଧାର ଧାର ହୋଇ ରକ୍ତ ବାହାରୁଥିଲା ହିଟଲରଙ୍କ ମୃତ୍ୟ ନିଜ ପିସ୍ତଲ ଡବ୍ଲ୍ୟୁ.ଏସ୍.ପିପିକେ ୭.୬୫ର ଗୁଳିରେ ହୋଇଥିବା ବେଳେ ଇଭା ବ୍ରାନ 'ସାଇନାଇଡ' ଖାଇ ଆତ୍ମହତ୍ୟା କରିଥିଲେ ।

କିଛି ସମୟପରେ ଗେବେଲସ୍,କ୍ରେବସ୍ ଓ ଜେନେରାଲ ଉଇଲହେମ ବର୍ଡଫ୍ ହିଟରଙ୍କ ମୃତ୍ୟୁ ସମ୍ବାଦ ଘୋଷଣା କରିଦେଲେ । ସେଦିନ ଥିଲା ୧୯୪୫ ମସିହା ଏପ୍ରିଲ ମାସ ୩୦ ତାରିଖ ।ଏହାପରେ ହିଟଲଙ୍କ ମୃତଦେହକୁ ଗୋଟିଏ କମ୍ବଳରେ ଘୋଡାଇ ବଙ୍କର ବାହାରକୁ ନିଆଗଲା ଓ ଚିହ୍ନଟପାଇଁ ମୁହଁରୁ କମ୍ବଳ ବାହାର କରି ଦିଆଯାଇଥିଲା । ହିଟଲରଙ୍କ ଶେଷ ଇଚ୍ଛା ଅନୁଯାୟୀ ସେ ଓ ତାଙ୍କର_ '୪୦ ଘଂଟାର ପତ୍ନି' ଇଭା ବ୍ରାଉନଙ୍କ ମୃତଦେହରେ ପେଟ୍ରୋଲ ଢାଳି ଜଳାଇ ଦିଆଯାଇ ଥିଲା । ଉପସ୍ଥିତସେନା କମାଣ୍ଡର ଓ ଅନ୍ୟମାନେ ନିଜର ହାତ ଉଠାଇ ତାଙ୍କୁ ଶେଷ ସମ୍ମାନ ପ୍ରଦାନ କରିଥିଲେ । ସର୍ବ ପ୍ରଥମେ ଜର୍ମାନୀର 'ରିଚେଣ୍ଟର ହମବର୍ଗ ରେଡିଓ' ୧ ମଇ ୧୯୪୫ ଦିନ ହିଟଲରଙ୍କ ମୃତ୍ୟୁ ସମ୍ବାଦ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା

ଜର୍ମାନୀର ନାଳ ନର୍ଦ୍ଦମାରେ ବଢି ବଡ ହୋଇଥିବା ମଣିଷଟି ଅଳ୍ପଦିନ ଭିତରେ ୟୁରୋପର ସବୁଠାରୁ ଶକ୍ତିଶାଳୀ ଶାସକର ସ୍ଥାନ ଅଧିକାର କରିଥିଲା । ନିଜର ଅହଂକାର ,ଯୁଦ୍ଧଖୋର ମନୋଭାବ ଓ ସାମ୍ରାଜ୍ୟ ବିସ୍ତାର ନୀତି କାରଣରୁ କେବଳ ଜର୍ମାନ ମାନଙ୍କୁ ଛାଡିଦେଲେ ବିଶ୍ୱମାନବ ସମାଜର ଶତ୍ରୁ ହୋଇ ଯାଇଥିବା ସେହି କ୍ଷୁଦ୍ରକାୟ ମଣିଷ 'ଆଡଲ୍ଫ ହିଟଲର'ଙ୍କ ମୃତ୍ୟ ସମ୍ବାଦକୁ ସେ ସମୟରେ କେହି ବିଶ୍ୱାସ କରି ପାରି ନ ଥିଲେ । ବିଶ୍ୱର ମାନବ ସମାଜ ଏକ ସ୍ୱରରେ ତାଙ୍କର ପତନ ଚାହୁଁଥିଲେହେଁ ଏଭଳି ମୃତ୍ୟୁ ସମ୍ବାଦକୁ ବିଶ୍ୱାସ କରିପାରୁ ନଥିଲେ ।ତାଙ୍କ ମୃତ୍ୟୁରେ ବିଶ୍ୱର କୋଟି କୋଟି ମଣିଷ ଆଶ୍ୱସ୍ତ ଅନୁଭବ କରିଥିଲେ ହେଁ ଆମେରିକା ,ସୋଭିଏତ ରୁଷ ,ଫ୍ରାନ୍ସ , ଇଂଲଣ୍ଡ, ଜାପାନ ଆଦି ଅନେକ ଦେଶ ୨୦୧୮-୧୯ ପର୍ଯ୍ୟ' ହିଟଲରଙ୍କ ମୃତ୍ୟୁ ସମ୍ବାଦର ସତ୍ୟାସତ୍ୟ ସନ୍ଧାନରେ ତଥାପି ଲାଗି ପଡିଥିଲେ ।

**ପ୍ରସନ୍ନ କୁମାର ମିଶ୍ର ,ପୁରୀ-୨**
**ମୋ ୮୦୧୮୮୭୫୩୩୫୯୬୩**





ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚୁଥିବାବେଳେ ଭାରତର ନ୍ୟାୟ ପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ୍ତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା।

# ବ୍ୟକ୍ତି ଅଧିକାର




ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିକୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତ୍ତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି।

ପ୍ରତାଡ଼ନା ଓ କ୍ରୁରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୁରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ୍ୟ କଟକଣା ରହିଛି।

ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିକୁ ମନଇଚ୍ଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦୋଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି।

ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ୍ୟ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି। କେହି ଜବରଦସ୍ତ ଭାବରେ ବା ମନଇଚ୍ଛା ତାଙ୍କର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ।

ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିକୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଚ୍ଛା ଛିନ୍ନ କରିପାରିବେ ନାହିଁ।

ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ୍ୟ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିକୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ।

ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ୍ୟ ରହିଛି।

ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ୍ୟ ଅଧିକାର ରହିଛି। ସେ ଟ୍ରେଡ଼ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ।

ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ।

ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ। ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ ଯାହା ଅନ୍ୟର ସ୍ୱାଧୀନତା ବା ଅଧିକାରକୁ ନଷ୍ଟ କରିବ।

**ସତ୍ୟ ମହାପାତ୍ର, ଆଇନଜୀବୀ,**
**ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ'**
**ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ**






ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ

# ଅଶ୍ଳୀଳତା ପାଇଁ ଦାୟୀ କିଏ ?

ଓଡ଼ିଆ ଯାତ୍ରାକୁ ଦର୍ଶକ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ଭାବରେ ଗ୍ରହଣ କରିନେଲା ପରେ ଏବେ ଯାତ୍ରା ଦିଶାହରା ହୋଇଯାଇଛି ବୋଲି କିଛି ଯାତ୍ରା ସଚେତକ କହୁଛନ୍ତି । ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିବାକୁ ଯାଇ ଦିଅଁ ଗଢୁ ଗଢୁ ମାଙ୍କଡ଼ ଗଢ଼ିଲା ଭଳି କୁଆଡ଼େ ସେମାନେ ଯାତ୍ରା ନାଟକ ଠାରୁ ଦୂରେଇ ଯାଇ ମେଲୋଡ଼ିକୁ ଗୁରୁତ୍ୱ ଦେଉଛନ୍ତି । ଏହି ପ୍ରକ୍ରିୟା ବେଶ୍ କିଛି ବର୍ଷ ହେଲା ଚାଲି ଆସୁଛି । ପ୍ରଥମେ ପ୍ରଥମେ କିଛି ଯାତ୍ରା ପାର୍ଟି ଏହାକୁ ଆପଣେଇଥିବାବେଳେ ଏବେ ପ୍ରାୟ ଅଧିକାଂଶ ପାର୍ଟି କୁଆଡ଼େ ଏଭଳି ଅର୍ଦ୍ଧନଗ୍ନ ପୋଷାକରେ ଡ୍ୟାନ୍ସ ପ୍ରୋଗ୍ରାମ ନକଲେ, ଦର୍ଶକ ଆସୁନାହାନ୍ତି ବୋଲି ଦର୍ଶାଉଛନ୍ତି । ଅନେକ ଯାତ୍ରା ପ୍ରଯୋଜକ ମଧ୍ୟ କହୁଛନ୍ତି, ଦର୍ଶକ ଚାହୁଁଛନ୍ତି ବୋଲି ଆମେ କରୁଛୁ । ଗୋଟେ କଥା କୁହାଯାଇପାରେ, ଦର୍ଶକ ଚାହୁଁଛନ୍ତି ବୋଲି ସେମାନେ ଏମିତି କରୁଛନ୍ତି, ଏହା ଠିକ୍ । କିନ୍ତୁ ଓଡ଼ିଶାର ଦର୍ଶକ କଣ ସବୁ ଏକାପ୍ରକାରର ? ସମସ୍ତେ କଣ ଏକା ପ୍ରକାରର ଏଭଳି ଅଶ୍ଳୀଳ ନୃତ୍ୟ ପରିବେଷଣକୁ ଦେଖିବାକୁ ଚାହାନ୍ତି ? ଯେମିତି ବଜାରରେ ଖୋଲାଯାଇଥିବା ହୋଟେଲରେ କେବଳ ମାଛ-ମାଂସ କି କେବଳ ଶୁଦ୍ଧ ନିରାମିଶ ମିଳେକି ? ସମସ୍ତଙ୍କର ରୁଚି ଭିନ୍ନ ଭିନ୍ନ ପ୍ରକାରର । କିଏ ମେଲୋଡ଼ିକୁ ଅଧିକ ନାଟକକୁ କମ୍ କିମ୍ବା କିଏ ନାଟକକୁ ଅଧିକ ମେଲୋଡ଼ିକୁ କମ୍ ପସନ୍ଦ କରିଥାନ୍ତି । ଏଣୁ ଭାଗମାପ ଅନୁସାରେ ମେଲୋଡ଼ି, ନାଟକ, ହାସ୍ୟରସ...ଏମିତି ରଖାଯାଇଥାଏ । ସ୍ୱଚ୍ଛ ସମ୍ପୂର୍ଣ୍ଣ ଭାବରେ ମନୋରଞ୍ଜନ ଯେଭଳି ଭାବରେ ନାଟକ ଯୋଗାଇ ପାରୁଥିଲା, ସେମିତି ଏବେ ଦେଖିବାକୁ ମିଳୁନାହିଁ । ଯାତ୍ରାନୁଷ୍ଠାନ ଗୁଡ଼ିକ ମନୋମୁଖି ନିଜ ଢ଼ାଞ୍ଚାରେ ଚଳାଇବାକୁ ଚାହୁଁଛନ୍ତି । ଅଧିକ ନାଚଗୀତ କରି ନାଟକର ପ୍ରାଧାନ୍ୟକୁ କମାଇଦେବା ଫଳରେ ମେଲୋଡ଼ି ପରେ ପ୍ୟାଭିଲିୟନ ମଧ୍ୟରେ ଖୁବ୍ କମ ଲୋକଙ୍କୁ ଦେଖିବାକୁ ମିଳୁଛି । ବଡ଼ ବଡ଼ ଗେଟ୍, ଅର୍ଦ୍ଧନଗ୍ନ ନର୍ତ୍ତକୀଙ୍କର ନାଚ, ଆଖି ଖୋସିଲା ପରି ଲାଇଟ୍ ଓ ସାଉଣ୍ଡ, ଏଲଇଡ଼ି ଲଗାଇ ଦେଲେ ଯଦି ଭଲ ନାଟକ ପରିବେଷଣ ହୋଇଯାଉଥାନ୍ତା, ତାହେଲେ ବିଶ୍ୱରେ ଅନେକ ଦେଶ, ଅନେକ ରାଜ୍ୟ ଏହି ପନ୍ଥା ଆପଣେଇ ଯାତ୍ରାନୁଷ୍ଠାନ ଗଢ଼ନ୍ତେ । କଳା, ସଂସ୍କୃତି ଓ କଳାକାରଙ୍କର କିଛି ମୂଲ୍ୟ ନଥାନ୍ତା । ଓଡ଼ିଶାରେ ଯାତ୍ରା ନାଟକ ଯେଉଁ ଗରିମା ସୃଷ୍ଟି କରିଥିଲା, ମାଙ୍କଡ଼ ହାତରେ ଶାଳଗ୍ରାମ ପଡ଼ିବା ପରି କିଛି ପ୍ରଯୋଜକ ଯେଭଳି ଭାବରେ ନଷ୍ଟଭ୍ରଷ୍ଟ କରି ଦର୍ଶକଙ୍କୁ ଭ୍ରମିତ କରି ମିଛ ଆଶ୍ୱାସନାରେ ଡ଼ାକି ଆଣୁଛନ୍ତି, ଏମିତି କେତେଦିନ ଦେହଦେଖା ଯାତ୍ରା ଚାଲିବ ?



## ସଂସ୍କୃତିକୁ ନଷ୍ଟ କରିବାକୁ ଦେଲା କିଏ ଅଧିକାର ?

ଯାତ୍ରା ଅନୁଷ୍ଠାନ ଦର୍ଶକଙ୍କର ନାଚଗୀତର ଚାହିଦା ପୂରଣ କରିବାକୁ ଅନେକ ମହିଳା ଡ୍ୟାନ୍ସରଙ୍କୁ ପ୍ରାଧାନ୍ୟ ଦେଇ ରଖୁଥିବା ଦେଖାଯାଉଛି । ପେଣ୍ଡଲ ଉପରେ ନାଚରେ ଯେଉଁ ଫ୍ୟୁଜନ ସୃଷ୍ଟି କରାଯାଉଛି, ଅନେକ ନୃତ୍ୟାଙ୍ଗନାର ଆବଶ୍ୟକତା ବି ରହିଛି । ସେମାନଙ୍କର ନୃତ୍ୟ ପ୍ରଦର୍ଶନ ଦ୍ୱାରା ଦର୍ଶକ କଣ ଆକୃଷ୍ଟ ହୋଇପାରିବେନି ? ଯେଉଁଥିପାଇଁ ସେମାନଙ୍କୁ ଦେହ ଦେଖାଇବାକୁ ପଡୁଛି ? ପ୍ରଯୋଜକ ନିଜର ମୁନାଫା ପାଇଁ ଗାଁଗହଳୀରୁ ଆସୁଥିବା ଗରିବଘରର ଝିଅଙ୍କୁ ଅଙ୍ଗ ପ୍ରଦର୍ଶନ କରି ନାଚିବା ପାଇଁ ବାଧ୍ୟ କରା ନଗଲେ, ସେ କଣ ମନକୁ ଅଙ୍ଗ ପ୍ରଦର୍ଶନ କରିବେ କି ? ଯଦି ସେମାନେ ନିଜର ଓ ପରିବାରର ପ୍ରତିପୋଷଣ ପାଇଁ ଏଭଳି କରିବାକୁ ବାଧ୍ୟ ହେଉଛନ୍ତି ଓ ମାଲିକ ନିଜର ବ୍ୟବସାୟକୁ ଠିକ ଭାବରେ ପରିଚାଳନା କରୁଛି, ତେବେ ସମାଜ ଏଥିରୁ ପାଉଛି କଣ ? ସାମାଜିକ ବିଧିବ୍ୟବସ୍ଥା ଓ ସଭ୍ୟତା-ସଂସ୍କୃତିକୁ କଳଙ୍କିତ କରୁଥିବା ଓ ନଗ୍ନତା ଦ୍ୱାରା ନଷ୍ଟ କରୁଥିବା ଏହି ଯାତ୍ରାନୁଷ୍ଠାନ ଗୁଡ଼ିକ କଣ ଏହାର ଭରଣା କରିପାରିବେ ? ଓଡ଼ିଶାର କଳା-ସଂସ୍କୃତିକୁ ନଷ୍ଟ କରୁଥିବା ଏହି ଅନୁଷ୍ଠାନକୁ କିଏ ଦେଲା ଅଧିକାର ? ସରକାର କଡ଼ା ପଦକ୍ଷେପ ନନେଲେ ଲଗାମଛଡ଼ା ଭାବରେ ଓଡ଼ିଶାର କଳା-ସଂସ୍କୃତିକୁ ଖାଇଯିବେ ବୋଲି ଜଣେ ସଚେତନ ଦର୍ଶକ କୁହନ୍ତି ।

## ନିଜର ଅଣ୍ଟିଲାନି ଟଙ୍କା ଦେଇ ଆଣିଲେ-

ଓଡ଼ିଆ ଯାତ୍ରା ଅନୁଷ୍ଠାନର ଅବସ୍ଥା ଏଭଳି ସ୍ତରରେ ପହଞ୍ଚିଲାଣି ଯେ, ନିଜ ଅନୁଷ୍ଠାନରେ ନାଚ କରୁଥିବା ନର୍ତ୍ତକୀ ବ୍ୟତୀତ ସାମୟିକ ଭାବରେ କଣ୍ଟ୍ରାକ୍ଟରେ ଅଶ୍ଳୀଳ ନୃତ୍ୟକୁ ଗୁରୁତ୍ୱ ଦେଉଥିବା ନର୍ତ୍ତକୀଙ୍କୁ ଚଡ଼ା ଦରରେ ଆଣି ପେଣ୍ଡଲରେ ନଚେଇବା ଏକ ପ୍ରକାର ଟ୍ରେଣ୍ଡ ହୋଇଗଲାଣି । ଏମାନେ ନାଚ ହେଉକି ନହେଉ, ନିଜ ଦେହରୁ କପଡ଼ା ଖୋଲି ଦର୍ଶକଙ୍କୁ ଉତ୍ତେଜିତ କରିବା ଏମିତି ସ୍ତରରେ ପହଞ୍ଚିଲାଣି, ପରିବାର ସହ ଯାତ୍ରାକୁ ଯିବାକୁ ଅନେକ ଇଚ୍ଛା ପ୍ରକାଶ କରୁନାହାନ୍ତି । ସେମାନେ ଅଶ୍ଳୀଳତାର ସୀମା ଏମିତି ଟପିଗଲେଣି, ଅନେକ ସଚେତନ ନାଗରିକ ଓ କମିଟି ବିରୋଧ କରିବା ସତ୍ତ୍ୱେ ବି ଅଧିକରୁ ଅଧିକ ସେଭଳି ନୃତ୍ୟ ପରିବେଷଣ କରିବାକୁ ପଛାଉ ନାହାନ୍ତି । ଅନେକ ସ୍ଥାନରେ ପରିସ୍ଥିତି ଭୟାବହ ମଧ୍ୟ ହେଉଛି । କିଏ ଚେୟାର ଫୋପାଡୁଛି ତ କିଏ ପାଣି ବୋତଲ । ଜଣେ ଓଡ଼ିଆ ହିସାବରେ ପ୍ରଯୋଜକମାନେ ବେପାର ନାଁରେ ନିଜ କଳା-ସଂସ୍କୃତିକୁ ଏଭଳି ବଳି ନପକାନ୍ତୁ ବୋଲି ଜଣେ ବୁଦ୍ଧିଜୀବୀ ଗଣମାଧ୍ୟମକୁ ଅପିଲ କରିଛନ୍ତି ।



## ବେଲଜ୍ଜ୍ୟା ହେଲେ କଥା ସରିଲା !

ଜଣେ ବୟସ୍କ ବୁଦ୍ଧିଜୀବୀଙ୍କ ମତ ଏ ବାବଦରେ ନେବା ପରେ ସେ କହିଲେ-ବେଲଜ୍ଜ୍ୟା ହେଲେ କଥା ସରିଲା ! ଯେଉଁମାନେ ଯାତ୍ରା ଦେଖିବାକୁ ଯାଉଛନ୍ତି, ଯଦି ସେମାନେ ବିରୋଧ କରନ୍ତେ, ତାହେଲେ ଅଶ୍ଳୀଳ ନୃତ୍ୟ ପରିବେଷଣ ବନ୍ଦ ହୋଇଯାଆନ୍ତା । କିଛି ଅଶିକ୍ଷିତ ଯୁବଗୋଷ୍ଠୀଙ୍କ ସହ ଶିକ୍ଷିତମାନେ ବି ସାମିଲ ହୋଇ ସରମ ନଥିବା ନର୍ତ୍ତକୀମାନଙ୍କୁ ଉତ୍ସାହିତ କରୁଛନ୍ତି । ଏଣୁ ନର୍ତ୍ତକୀମାନେ ଅଧିକ ଉତ୍ଫୁଲ୍ଲିତ ହୋଇ ଅଧିକରୁ ଅଧିକ ନଗ୍ନ ହୋଇପଡୁଛନ୍ତି । ସବୁଆଡୁ ଯଦି ଏହି ବିରୋଧାଭାସ ଦେଖିବାକୁ ମିଳନ୍ତା, କେବେ କିଛିଟା ଟଙ୍କା ପାଇଁ ନିଜର ଅଙ୍ଗ ପ୍ରଦର୍ଶନ କରୁଥିବା ନର୍ତ୍ତକୀମାନେ ସର୍ବସାଧାରଣରେ ନଗ୍ନ ନୃତ୍ୟ କରନ୍ତେ ନାହିଁ । ନର୍ତ୍ତକୀଙ୍କ ଭଳି ଏହି ବେଲଜ୍ଜ୍ୟାଙ୍କୁ ଆକଟ ବା କିଏ କରିବ ! ବୋଲି କ୍ଷୋଭରେ ସହକାରେ କୁହନ୍ତି ବୁଦ୍ଧିଜୀବୀ ଜଣକ ।



ଫଟୋ-ସୁରଭି ପୂରାନିକ

ଜଣେ ତାମିଲ ଓ ତେଲୁଗୁ ଅଭିନେତ୍ରୀ ଭାବରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି । ୨୦୧୩ମସିହାରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ପ୍ରଥମରୁ ନିଜର ସୁନ୍ଦର ଅଭିନୟ ପାଇଁ ଅନେକ ସମ୍ମାନଜନକ ପୁରସ୍କାର ମଧ୍ୟ ହାସଲ କରିଛନ୍ତି । ସେ ଜଣେ ଲୋକପ୍ରିୟ ସାଉଥ୍ ଅଭିନେତ୍ରୀ ଭାବରେ ଅନେକ ଫିଲ୍ମରେ ଅଭିନୟ କରିଛନ୍ତି ।

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com